

# କାର୍ଯ୍ୟ
## ଏହାର ମୂଳ ପରିକଳ୍ପନା

ପୁଣି ସଦାପ୍ରଭୁ ପରମେଶ୍ୱର ସେହି ମନୁଷ୍ୟକୁ ଆଜ୍ଞା ଦେଇ ଏଦନ ଉଦ୍ୟାନକୁ ସୁସଜ୍ଜିତ ଓ ରକ୍ଷା କରିବା ପାଇଁ ନିଯୁକ୍ତ କଲେ ।
(ଆଦିପୁସ୍ତକ ୨:୧୫)

ଆଶିଷ୍ ରାଇଟୁର୍

**ଏହି ପୁସ୍ତକ ମାଗଣାରେ ବଣ୍ଟନ ପାଇଁ ଉଦ୍ଦିଷ୍ଟ ।**

ମୁଦ୍ରଣ ଓ ବଣ୍ଟନ : ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଆଣ୍ଡ୍ ଓ୍ୱାଲର୍ଡ୍ ଆଉଟ୍‌ରିଚ୍, ବାଙ୍ଗାଲୁରୁ, ଇଣ୍ଡିଆ

ପ୍ରଥମ ସଂସ୍କରଣ : ମାର୍ଚ୍ଚ ୨୦୨୧

ଓଡ଼ିଆ ଅନୁବାଦ : ଭାବୀ ବିଭବ ବନିଫେସ୍ କର

**ଯୋଗାଯୋଗ ଠିକଣା :**

All Peoples Church & World Outreach
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore - 560043
Karnataka, INDIA

Phone : +91-80-25452617
Email : bookrequest@apcwo.org
Website : **www.apcwo.org**

**ଆର୍ଥିକ ଭାଗୀଦାରୀ :**

ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ସଦସ୍ୟ, ଅଂଶୀଦାର ଓ ବନ୍ଧୁମାନଙ୍କର ଆର୍ଥିକ ସାହାଯ୍ୟ ଯୋଗୁଁ ଏହି ପୁସ୍ତକକୁ ମାଗଣାରେ ବଣ୍ଟନ କରିବା ସମ୍ଭବ ହୋଇପାରିଛି । ମାଗଣାରେ ଉପଲବ୍ଧ ଏହି ପୁସ୍ତକ ଦ୍ୱାରା ଯଦି ଆପଣ ଆତ୍ମିକ ଆଶୀର୍ବାଦ ପାଇଛନ୍ତି, ତେବେ ଏହାର ପୁନଃ ମୁଦ୍ରଣ ଓ ବଣ୍ଟନ ନିମନ୍ତେ ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଉଦ୍ଦେଶ୍ୟରେ ଆପଣଙ୍କ ସ୍ୱେଚ୍ଛାକୃତ ଦାନ ପଠାଇ ପାରନ୍ତି । ଆପଣଙ୍କ ଦାନ କିପରି ପଠାଇବେ ଜାଣିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/giveକୁ ପରିଦର୍ଶନ କରନ୍ତୁ କିମ୍ବା ଏହି ପୁସ୍ତକର ଶେଷ ଭାଗରେ ଥିବା ପୃଷ୍ଠା "ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ଅଂଶୀଦାର ହୁଅନ୍ତୁ"କୁ ପାଠ କରନ୍ତୁ । ଧନ୍ୟବାଦ !

**ମେଲିଂ ଲିଷ୍ଟ୍ :**

ଏହି ପ୍ରକାଶନ ପକ୍ଷରୁ ନୂତନ ଭାବରେ ପ୍ରକାଶ ପାଉଥିବା ପୁସ୍ତକଗୁଡ଼ିକୁ ପାଇବା ନିମନ୍ତେ ଆପଣଙ୍କର ସଠିକ୍ ଡାକ ଠିକଣା ଆମ ନିକଟକୁ ଇମେଲ୍ କରି ପଠାନ୍ତୁ । ଆପଣଙ୍କ ଠିକଣା ଆମ ମେଲିଂ ଲିଷ୍ଟ୍‌ରେ ଅନ୍ତର୍ଭୁକ୍ତ କରାଯିବ । ଆମର ଇମେଲ୍ : bookrequest@apcwo.org

**ଭାରତ ଭିତରେ ମାଗଣା ବଲ୍କ ଅର୍ଡ଼ର :**

ଆପଣଙ୍କ ସ୍ଥାନୀୟ ମଣ୍ଡଳୀରେ, ବାଇବଲ୍ ଅଧ୍ୟୟନ ଦଳରେ, ବାଇବଲ୍ କଲେଜ୍‌ରେ, ସେମିନାର୍‌ରେ, ସଭାସମିତିରେ, ବହି ଦୋକାନରେ, ବ୍ୟବସାୟ ଇତ୍ୟାଦିରେ ମାଗଣାରେ ବଣ୍ଟନ କରିବା ପାଇଁ ଆମେ ଆମର ପୁସ୍ତକସବୁ ପଠାଇପାରିବୁ । ଆପଣଙ୍କ ଡାକ ଠିକଣା ଓ କେତେ ଖଣ୍ଡ ପୁସ୍ତକ ଆବଶ୍ୟକ ତାହା ଆମକୁ ଇମେଲ୍ କରି bookrequest@apcwo.org ଠିକଣାରେ ପଠାନ୍ତୁ ।

**Work Its Original Design (Odia)**

# କାର୍ଯ୍ୟ

## ଏହାର ମୂଳ ପରିକଳ୍ପନା

ପୁଣି ସଦାପ୍ରଭୁ ପରମେଶ୍ୱର ସେହି ମନୁଷ୍ୟକୁ ଆଜ୍ଞା ଦେଇ ଏଦନ ଉଦ୍ୟାନକୁ
ସୁସଜ୍ଜିତ ଓ ରକ୍ଷା କରିବା ପାଇଁ ନିଯୁକ୍ତ କଲେ ।
(ଆଦିପୁସ୍ତକ ୨:୧୫)

# ସୂଚୀପତ୍ର


| | | |
|---|---|---|
| ୧. | ଏକ ସିଦ୍ଧ ସମ୍ପୂର୍ଣ୍ଣ ଜଗତରେ କାର୍ଯ୍ୟ କରିବା | ୧ |
| ୨. | କାର୍ଯ୍ୟସ୍ଥାନ - ପତନର ପ୍ରଭାବ ଓ କ୍ରୁଶର ପ୍ରଭାବ | ୭ |
| ୩. | ଏକ ଅସମ୍ପୂର୍ଣ୍ଣ ଦୋଷପୂର୍ଣ୍ଣ ଜଗତରେ କାର୍ଯ୍ୟ କରିବା | ୧୫ |

# ୧

# ଏକ ସିଦ୍ଧ ସମ୍ପୂର୍ଣ୍ଣ ଜଗତରେ କାର୍ଯ୍ୟ କରିବା

ଆଦିପୁସ୍ତକର ପ୍ରଥମ ତିନୋଟି ଅଧ୍ୟାୟରେ ଈଶ୍ୱର ସୃଷ୍ଟି କରିବା ଓ ପୃଥିବୀରେ ବିଭିନ୍ନ ବିଷୟକୁ ସୁବ୍ୟବସ୍ଥିତ କରିବା ବିଷୟ ବର୍ଣ୍ଣନା କରାଯାଏ । ଏଠାରେ ମଧ୍ୟ ଆମେ ମନୁଷ୍ୟଜାତିର ପରିକଳ୍ପନା ଓ ସୃଷ୍ଟି ଏବଂ ଈଶ୍ୱର ଆମମାନଙ୍କୁ ଦେଇଥିବା ଆଦେଶ ବିଷୟରେ ଦେଖିଥାଉ । "କାର୍ଯ୍ୟ" ସମ୍ବନ୍ଧରେ ଆମେ ନିମ୍ନ କେତେକ ପର୍ଯ୍ୟବେକ୍ଷଣ କରିପାରୁ ।

## ଆମେ ସୃଜନାତ୍ମକ ହେବା ପାଇଁ ପରିକଳ୍ପିତ

ଆମେମାନେ ଈଶ୍ୱରଙ୍କ ପ୍ରତିମୂର୍ତ୍ତି ଓ ସାଦୃଶ୍ୟରେ ସୃଷ୍ଟ ହୋଇଛୁ । ତାହାଙ୍କ ପ୍ରତିମୂର୍ତ୍ତି ଓ ସାଦୃଶ୍ୟରେ ଆମମାନଙ୍କୁ ସୃଷ୍ଟି କରିବା ପଛରେ ଈଶ୍ୱରଙ୍କର ଯେଉଁ ଉଦ୍ଦେଶ୍ୟ ରହିଥିଲା, ତଦ୍ଦ୍ୱାରା ସେ ଯିଏ ଅଟନ୍ତି ତାହା ଜଗତ ନିକଟରେ ସେ ଆମମାନଙ୍କ ଦେଇ ପୁନଃ ଉପସ୍ଥାପିତ, ପ୍ରକାଶ ଓ ମୁକ୍ତ କରିବାକୁ ଚାହିଁଥିଲେ । ଈଶ୍ୱରଙ୍କର ଗୋଟିଏ ଗୁଣ ହେଉଛି ଯେ ସେ ସୃଷ୍ଟିକର୍ତ୍ତା, ଏଣୁ ସେ ସୃଜନଶକ୍ତି ସମ୍ପନ୍ନ ଅଟନ୍ତି । ତେଣୁ ଆମେ କହିପାରୁ ଯେ ଲୋକମାନେ ଈଶ୍ୱରଙ୍କର ସ୍ୱଭାବର ଏହି ଗୁଣକୁ ପ୍ରକାଶ କରିବା ନିମନ୍ତେ ପରିକଳ୍ପିତ ଅଟନ୍ତି । ଆମେ ସୃଜନାତ୍ମକ ହେବା ପାଇଁ ପରିକଳ୍ପିତ ହୋଇଛୁ । ଆଦମ ଓ ହବା ଏବଂ ମନୁଷ୍ୟଜାତି ପ୍ରଜାବନ୍ତ, ବହୁବଂଶ ହୋଇ, ପୃଥିବୀକୁ ବଶୀଭୂତ ଓ କର୍ତ୍ତୃତ୍ୱ କରିବେ ଏବଂ ସେମାନେ ପୃଥିବୀରେ ଯାହାସବୁ ସାଧନ କରିବେ, ସେଥିରେ ଈଶ୍ୱରଙ୍କର ସୃଜନାତ୍ମକ ଶକ୍ତିକୁ ପ୍ରକାଶ କରିବେ । ଏଥିରେ ବୁଝିହୁଏ, ଈଶ୍ୱରଙ୍କ ଉଦ୍ଦେଶ୍ୟ ଥିଲା ଯେ ଲୋକମାନେ ତାଙ୍କ ସୃଷ୍ଟିକୁ ଆବିଷ୍କାର କରନ୍ତୁ ଏବଂ ତାଙ୍କ ସୃଷ୍ଟିରେ ସେ ଯାହାସବୁ ରଖିଛନ୍ତି ସେସବୁକୁ ନେଇ ଆଶ୍ଚର୍ଯ୍ୟ ବିଷୟମାନ କରନ୍ତୁ ।

## ଆମେ କାର୍ଯ୍ୟ କରିବା ପାଇଁ ପରିକଳ୍ପିତ

*"ପୁଣି ସଦାପ୍ରଭୁ ପରମେଶ୍ୱର ସେହି ମନୁଷ୍ୟକୁ ଆଜ୍ଞା ଦେଇ ଏଦନ ଉଦ୍ୟାନକୁ ସୁସଜ୍ଜିତ ଓ ରକ୍ଷା କରିବା ପାଇଁ ନିଯୁକ୍ତ କଲେ"* (ଆଦିପୁସ୍ତକ ୨:୧୫) । ଈଶ୍ୱର ଆଦମଙ୍କୁ

ଉଦ୍ୟାନର ମଧ୍ୟ ସ୍ଥାନରେ ରଖିଲେ ଏବଂ ତାଙ୍କୁ ଅନେକ ଦାୟିତ୍ୱ ଦେଲେ । ଆଦମ ସେହି ଉଦ୍ୟାନରେ କୃଷିକର୍ମ କରିବେ । ଏହାର ଅର୍ଥ ସେ ଅନେକ କାର୍ଯ୍ୟ କରିବେ । ମନୁଷ୍ୟର ପତନ ପୂର୍ବରୁ ଈଶ୍ୱର କାର୍ଯ୍ୟ ବ୍ୟବସ୍ଥା ସ୍ଥାପନ କରିଥିଲେ, ଏଣୁ କାର୍ଯ୍ୟ ଏକ ଉତ୍ତମ ବିଷୟ । ବିବାହ ବ୍ୟବସ୍ଥା ସ୍ଥାପନ କରିବା ପୂର୍ବରୁ ଈଶ୍ୱର କାର୍ଯ୍ୟ ବ୍ୟବସ୍ଥା ଆରମ୍ଭ କରିଥିଲେ ।

ଶୟତାନଠାରୁ ଉଦ୍ୟାନକୁ ରକ୍ଷା କରିବାକୁ ମଧ୍ୟ ଆଦମଙ୍କୁ ଦାୟିତ୍ୱ ଦିଆଯାଇଥିଲା । କାରଣ ମନୁଷ୍ୟଜାତି ହାତରେ ଈଶ୍ୱର ଯାହା ଅର୍ପଣ କରିଛନ୍ତି ସେଥିରେ ଅନଧିକାର ପ୍ରବେଶ କରିବାକୁ ଶୟତାନ ନିଶ୍ଚିତରୂପେ ଚାହୁଁଥିଲା । ଯେଯାଏଁ ଆଦମ ଈଶ୍ୱରଙ୍କ ନିକଟରେ ନିଜକୁ ସମର୍ପଣ କରି ଚାଲୁଥିଲେ, ଈଶ୍ୱରଙ୍କ ଗୌରବ ତାଙ୍କଠାରେ ଥିଲା (ଈଶ୍ୱରଙ୍କ ପ୍ରତିମୂର୍ତ୍ତି ଓ ସାଦୃଶ୍ୟ), ସେ ଈଶ୍ୱରଙ୍କ ସାନ୍ନିଧ୍ୟରେ ଥିବାରୁ ସେ ଶତ୍ରୁକୁ ବାହାରେ ରଖୁଥିଲେ ଓ ତାଙ୍କୁ ଯାହା ଅର୍ପଣ କରାଯାଇଥିଲା ତା'ର ରକ୍ଷା କରି ପାରୁଥିଲେ । ଆହୁରି ମଧ୍ୟ, ଆମେ ଏହା କହିପାରୁ ଯେ ଉଦ୍ୟାନରେ ଆଦମଙ୍କୁ ଯେଉଁ କାର୍ଯ୍ୟ ଦିଆଯାଇଥିଲା ତାହା ଆଦମଙ୍କ ବଂଶଧର ସମସ୍ତଙ୍କୁ ମଧ୍ୟ ଦିଆଯିବା ପାଇଁ ଅଭିପ୍ରେତ ଥିଲା ।

## କାର୍ଯ୍ୟସ୍ଥାନରେ ଉପଯୁକ୍ତ ସାହାଯ୍ୟକାରିଣୀ ହେବା ପାଇଁ ହବା ସୃଷ୍ଟ ହୋଇଥିଲେ

ଈଶ୍ୱର ହବାଙ୍କୁ *"ଅନୁରୂପ ସହକାରିଣୀ"* କରି ସୃଷ୍ଟି କଲେ (ଆଦିପୁସ୍ତକ ୨:୧୮) । ଈଶ୍ୱରଙ୍କ ପରିକଳ୍ପନା ଥିଲା ଯେ ହବା, ଆଦମଙ୍କ ନିମନ୍ତେ ଉପଯୁକ୍ତ ହେବେ, ଏକାକୀ ଅବସ୍ଥାରେ ଥିବା ଆଦମଙ୍କ ସଙ୍ଗିନୀ ହେବେ, ଏବଂ ଉଦ୍ୟାନରେ ଆଦମଙ୍କୁ ଯେଉଁସବୁ ଦାୟିତ୍ୱ ଦିଆଯାଇଛି ସେଥିରେ ସେ ତାଙ୍କର ସହକର୍ମୀ ଓ ଅଂଶୀଦାର ହେବେ । ଉଦ୍ୟାନକୁ ସୁସଜ୍ଜିତ ଓ ରକ୍ଷା କରିବା ପାଇଁ ଈଶ୍ୱର ତାଙ୍କୁ ଯେଉଁ ଆଦେଶ ଦେଇଥିଲେ ଏଥିରେ ହବା ମଧ୍ୟ ସାମିଲ୍ ହୋଇଥିଲେ । ଉଦ୍ୟାନରେ ହବାଙ୍କର ମଧ୍ୟ ଭୂମିକା ରହିଥିଲା ଏବଂ ସେ ଆଦମଙ୍କ ସହିତ ମିଶି ଏହାକୁ ଯତ୍ନ ନେଉଥିଲେ ଓ ଏହାକୁ ରକ୍ଷା କରୁଥିଲେ । ମନୁଷ୍ୟଜାତି ପ୍ରତି ଈଶ୍ୱରଙ୍କର ଯେଉଁ ଆଦେଶ ରହିଛି ତାହା ପାଳନ କରିବାରେ ପୁରୁଷକୁ ସ୍ତ୍ରୀ ସହଯୋଗ କରିବ ବୋଲି ଈଶ୍ୱର ପରିକଳ୍ପନା କରିଥିଲେ । କାର୍ଯ୍ୟସ୍ଥଳରେ ମହିଳାମାନଙ୍କ ଭୂମିକା ଓ ପ୍ରଭାବିତ କରିବାର ଦାୟିତ୍ୱ ରହିଛି ।

## ଏକ ସିଦ୍ଧ ସମ୍ପୂର୍ଣ୍ଣ ଜଗତରେ କାର୍ଯ୍ୟକରିବା

ଯଦି ଈଶ୍ୱରଙ୍କର ମୂଳ ଯୋଜନା ଅନୁଯାୟୀ ଆଦମ ଓ ହବା ପାପ କରି ନ ଥା'ନ୍ତେ ଓ ମାନବଜାତି ସିଦ୍ଧ-ସମ୍ପୂର୍ଣ୍ଣ ରହିଥାନ୍ତା, ତେବେ କ'ଣ ହୁଅନ୍ତା ? ଉଦ୍ୟାନରେ କାର୍ଯ୍ୟ କରିବା,

ଏବଂ ସମୟ ଅତିକ୍ରାନ୍ତ ହେଲେ ବୃଦ୍ଧିପାଇ ଈଶ୍ୱର ଲୋକମାନଙ୍କ ନିମନ୍ତେ ଯାହାସବୁ ପରିକଳ୍ପନା କରିଥିଲେ, ବିଶେଷତଃ କାର୍ଯ୍ୟ ସମ୍ପର୍କରେ, ସେଥିରେ ପ୍ରବେଶ କରିଥିଲେ କ'ଣ ହୁଅନ୍ତା ? ମନୁଷ୍ୟର ପତନ ଘଟି ନ ଥିଲେ, ସିଦ୍ଧସମ୍ପୂର୍ଣ୍ଣ ଜଗତରେ କାର୍ଯ୍ୟସ୍ଥାନ କିପରି ହୁଅନ୍ତା ? ବାଇବଲର ଦୃଷ୍ଟିକୋଣରୁ ନିମ୍ନ ପର୍ଯ୍ୟବେକ୍ଷଣମାନ ଦିଆଯାଇପାରେ:

***କାର୍ଯ୍ୟ ଦିନରେ ମଧ୍ୟ ଉପାସନା ହୋଇପାରନ୍ତା***

ଦିନସାରା ଆମକୁ ଈଶ୍ୱରଙ୍କ ଉପସ୍ଥିତି ଆଚ୍ଛନ୍ନ କରି ରଖିଥାନ୍ତା । ଦିନସାରା ଆମେ ଈଶ୍ୱରଙ୍କର ସହିତ ସମ୍ପୂର୍ଣ୍ଣ ସହଭାଗିତାରେ ରହିଥାନ୍ତେ । କାର୍ଯ୍ୟ ଓ ଉପାସନା ସମୟ ଧାର୍ଯ୍ୟ କରି ଅଲଗା କରାଯାଇ ନ ଥାଆନ୍ତା ।

***ଉଭୟ ଉପାସନା ଓ କାର୍ଯ୍ୟ ଈଶ୍ୱରଙ୍କ ଉଦ୍ଦେଶ୍ୟରେ କରାଯାଇ ଥାଆନ୍ତା ।***

କାର୍ଯ୍ୟ ଏକ ବିରକ୍ତିକର ବିଷୟ ନ ହୋଇ ଏକ ସ୍ୱର୍ଗୀୟ ଦାୟିତ୍ୱ, ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ସେବାକାର୍ଯ୍ୟ ହୋଇଥାଆନ୍ତା, କାରଣ ଈଶ୍ୱର ଏହା ଆଦେଶ କରିଛନ୍ତି । ପ୍ରତ୍ୟେକେ ସେମାନଙ୍କର କାର୍ଯ୍ୟ ପ୍ରଭୁଙ୍କ ଉଦ୍ଦେଶ୍ୟରେ କରିବା ପରି କରିଥାନ୍ତେ । ଆମେ କହି ନ ଥାଆନ୍ତେ, "ମୁଁ ଏବେ ଜାଗତିକ କାର୍ଯ୍ୟ କରୁଛି, ଘରକୁ ଗଲେ ଈଶ୍ୱରଙ୍କର ଉପାସନା ପରି ପବିତ୍ର କାର୍ଯ୍ୟ କରିବି ।"

***ଈଶ୍ୱର କାର୍ଯ୍ୟରତ ରହିଥାନ୍ତେ***

ଉଦ୍ୟାନର ପ୍ରତିଦିନର ଏକ କାର୍ଯ୍ୟ ସମ୍ପର୍କରେ ଆଦିପୁସ୍ତକ ୩:୮ ପ୍ରକାଶ କରେ, ଯାହା ଏକ ଚିତ୍ତାକର୍ଷକ ବିଷୟ । *"ତହୁଁ ଦିନାବସାନ ସମୟରେ ସେମାନେ ଉଦ୍ୟାନ ମଧ୍ୟରେ ଗମନାଗମନକାରୀ ସଦାପ୍ରଭୁ ପରମେଶ୍ୱରଙ୍କ ରବ ଶୁଣିଲେ..... ।"* ଆଦମ ଓ ହବା ଉଦ୍ୟାନରେ ବାସ କରୁଥିବା ସମୟରେ ଈଶ୍ୱର ଯେ ସେମାନଙ୍କୁ ନିୟମିତ ପରିଦର୍ଶନ କରୁଥିଲେ ଏହି ଶାସ୍ତ୍ରାଂଶ ତାହା ପ୍ରକାଶ କରେ । ସେମାନେ ଉଦ୍ୟାନରେ କୃଷିକର୍ମ ଓ ଏହାକୁ ରକ୍ଷା କରୁଥିବା ବେଳେ ମଧ୍ୟ ଈଶ୍ୱର ସେମାନଙ୍କ ନିକଟକୁ ଆସୁଥିଲେ । ହୁଏତ ଈଶ୍ୱର ସେମାନଙ୍କ ନିକଟକୁ ଆସି ତାଙ୍କ ସୃଷ୍ଟିର ଅନେକ ଗୁପ୍ତ ତଥ୍ୟ ସେମାନଙ୍କୁ ଶିକ୍ଷା ଦେଉଥିଲେ । ହୁଏତ ଈଶ୍ୱର ସେମାନଙ୍କୁ ଦେଖାଉଥିଲେ ତାଙ୍କ ସୃଷ୍ଟିରେ ଯାହା ଯାହା ଉପଲବ୍ଧ ସେସବୁକୁ କିପରି ସେମାନେ ସେମାନଙ୍କ ଉଦ୍ଦେଶ୍ୟ ସାଧନର ଉପାୟ ଭାବରେ ବ୍ୟବହାର କରିପାରିବେ, ନୂତନ ବିଷୟସବୁ ଆବିଷ୍କାର କରିବେ, ନୂତନ ଭାବରେ

ବିଭିନ୍ନ ବିଷୟକୁ ସାଧନ କରିବେ, ଇତ୍ୟାଦି । ଈଶ୍ୱର ଆମ ସଙ୍ଗେ କାର୍ଯ୍ୟରତ ରହିଲେ, ତାଙ୍କର ସୃଜନାତ୍ମକ ଦକ୍ଷତାସବୁ ନୂତନ ଉଦ୍ଭାବନ, ଆବିଷ୍କାର ଓ ଅଶେଷ ସମ୍ଭାବନା ଭାବରେ ଲୋକମାନଙ୍କ ଦ୍ୱାରା ପ୍ରକାଶିତ ହେବ । ଈଶ୍ୱରଙ୍କ ସୃଷ୍ଟିର ନିୟମସବୁକୁ ଆବିଷ୍କାର କରିବା ଓ ବ୍ୟବହାରରେ ଲଗାଇବା ଅତି ଚମତ୍କାର ବିଷୟ ହୁଅନ୍ତା । ଯିଶାଇୟ ଭାବବାଦୀ ଏହି ଛବି ଆମ ଆଗରେ ଆଙ୍କନ୍ତି । ଏଠାରେ ଈଶ୍ୱର କୃଷକମାନଙ୍କୁ ଶିକ୍ଷା ଦେଉଛନ୍ତି କିପରି କୃଷିକର୍ମ କରିବାକୁ ଓ ଫସଲ ଅମଳ କରିବାକୁ ହେବ । *"ତୁମ୍ଭେମାନେ କର୍ଣ୍ଣ ଦେଇ ଆମ୍ଭର ରବ ଶୁଣ; ମନୋଯୋଗ କରି ଆମ୍ଭର ବାକ୍ୟ ଶ୍ରବଣ କର । କୃଷକ ବୀଜ ବୁଣିବା ପାଇଁ କ'ଣ ନିତ୍ୟ ହଳ ବୁଲାଏ ? ସେ କ'ଣ ନିତ୍ୟ ଶୀଆର କରି ଆପଣାର ଭୂମିର ଟେଳା ଭାଙ୍ଗେ ? ସେ କ'ଣ ଭୂମିର ଉପରଭାଗ ସମାନ କଲା ଉତ୍ତାରେ କଳାଜୀରା ବିଞ୍ଛିଦିଏ ନାହିଁ ଓ ଜୀରା ବୁଣେ ନାହିଁ ଓ ଧାଡ଼ି ଧାଡ଼ି କରି ଗହମ, ନିରୂପିତ ସ୍ଥାନରେ ଯବ ଓ କ୍ଷେତ୍ରର ସୀମାରେ କ'ଣ ଜହ୍ନା ବୁଣେ ନାହିଁ ? କାରଣ, ତାହାର ପରମେଶ୍ୱର ତାହାକୁ ଯଥାର୍ଥ ଉପଦେଶ ଦିଅନ୍ତି ଓ ସେ ତାହାକୁ ଶିଖାନ୍ତି । ଯେହେତୁ କଳାଜୀରା କୌଣସି ତୀକ୍ଷ୍ଣ ଅସ୍ତ୍ରରେ ମର୍ଦ୍ଦିତ ହୁଏ ନାହିଁ, କିଅବା ଜୀରା ଉପରେ ଶକଟଚକ୍ର ବୁଲାଯାଏ ନାହିଁ; ମାତ୍ର କଳାଜୀରା ଯଷ୍ଟିରେ ଓ ଜୀରା ଦଣ୍ଡରେ ପିଟାଯାଏ । ରୁଟୀର ଶସ୍ୟ ଚୂର୍ଣ୍ଣ କରାଯାଏ; କାରଣ ସେ ଚିରକାଳ ତାହା ମର୍ଦ୍ଦନ କରିବ ନାହିଁ; ଆଉ, ଯଦ୍ୟପି ତାହାର ଶକଟଚକ୍ର ଓ ତାହାର ଅଶ୍ୱଗଣ ତାହା ଛିନ୍ନଭିନ୍ନ କରି ପକାନ୍ତି, ତଥାପି ସେ ତାହା ଚୂର୍ଣ୍ଣ କରେ ନାହିଁ । ଏହା ହିଁ ସୈନ୍ୟାଧିପତି ସଦାପ୍ରଭୁଠାରୁ ହୁଅଇ, ସେ ମନ୍ତ୍ରଣାରେ ଆଶ୍ଚର୍ଯ୍ୟ ଓ ଜ୍ଞାନରେ ମହାନ୍"* (ଯିଶାଇୟ ୨୮:୨୩-୨୯) ।

ସମସ୍ତ ସୃଷ୍ଟିରେ ଈଶ୍ୱରଙ୍କ ଜ୍ଞାନ ଅନ୍ତର୍ନିହିତ ହୋଇଛି । *"ସେ ଆପଣା ପରାକ୍ରମ ଦ୍ୱାରା ପୃଥିବୀ ନିର୍ମାଣ କରିଅଛନ୍ତି, ସେ ଆପଣା ଜ୍ଞାନ ଦ୍ୱାରା ଜଗତ ସ୍ଥାପନ କରିଅଛନ୍ତି ଓ ଆପଣାର ବୁଦ୍ଧି ଦ୍ୱାରା ସେ ଆକାଶମଣ୍ଡଳ ବିସ୍ତାର କରିଅଛନ୍ତି"* (ଯିରିମିୟ ୧୦:୧୨) । *"ସଦାପ୍ରଭୁ ନିଜ ଗତିର ଆରମ୍ଭରେ, ତାହାଙ୍କ କର୍ମସକଳର ପୂର୍ବରେ ମୋତେ ଅଧିକାର କରିଥିଲେ । ଅନାଦିକାଳରୁ ଅବା ଆଦ୍ୟକାଳଠାରୁ, ଅବା ପୃଥିବୀର ମୂଳସ୍ଥାପନର ପୂର୍ବରୁ ମୁଁ ସ୍ଥାପିତ ଅଛି । ବାରିଧିସକଳ ନ ଥିବା ସମୟରେ, ନିର୍ଝରସକଳ ଜଳପୂର୍ଣ୍ଣ ନ ଥିବା ସମୟରେ ମୁଁ ଜନ୍ମିଅଛି; ପୁଣି, ପର୍ବତଗଣ ଓ ଉପପର୍ବତଗଣ ସ୍ଥାପିତ ହେବା ପୂର୍ବରେ ମୁଁ ଜନ୍ମ ପାଇଅଛି; ସେ ସମୟରେ ଭୂମି, କି ପ୍ରାନ୍ତର, କି ଜଗତସ୍ଥ ଧୂଳିର ଅଗ୍ରିମାଂଶ ସେ ସୃଷ୍ଟି କରି ନ ଥିଲେ । ଯେଉଁ ସମୟରେ ସେ ଆକାଶମଣ୍ଡଳ ସ୍ଥାପନ କଲେ, ସେସମୟରେ*

*ମୁଁ ସେଠାରେ ଥିଲି, ଯେଉଁ ସମୟରେ ସେ ବାରିଧି ଉପରେ ଚକ୍ରାକାର ସୀମା ନିରୂପଣ କଲେ, ପୁଣି ଉପରିସ୍ଥ ଆକାଶମଣ୍ଡଳକୁ ଦୃଢ଼ କଲେ ଓ ବାରିଧିର ପ୍ରବାହସକଳ ପ୍ରବଳ ହେଲା; ଜଳସମୂହ ଯେପରି ତାହାଙ୍କ ଆଜ୍ଞା ଲଙ୍ଘନ କରି ନ ପାରେ, ଏଥିପାଇଁ ଯେଉଁ ସମୟରେ ସେ ସମୁଦ୍ରର ସୀମା ନିରୂପଣ କଲେ ଓ ଯେଉଁ ସମୟରେ ଜଗତର ମୂଳଦୁଆ ଚିହ୍ନିତ କଲେ; ସେହି ସମୟରେ ମୁଁ ତାହାଙ୍କ ନିକଟରେ କର୍ମକର୍ତ୍ତା ଥିଲି; ପୁଣି, ମୁଁ ପ୍ରତିଦିନ ଆନନ୍ଦଦାୟୀ ହୋଇ ତାହାଙ୍କ ସମ୍ମୁଖରେ ସର୍ବଦା ଆନନ୍ଦ କଲି । ପୁଣି, ତାହାଙ୍କ ଭୂମଣ୍ଡଳରେ ଆନନ୍ଦ କଲି ଓ ମନୁଷ୍ୟସନ୍ତାନଗଣ ସଙ୍ଗରେ ମୋହର ଆମୋଦ ଥିଲା ।"*
(ହିତୋପଦେଶ ୮:୨୨-୩୧) ।

ତେଣୁ ଈଶ୍ୱର ଯେତେବେଳେ ଲୋକମାନଙ୍କୁ ତାଙ୍କ ସୃଷ୍ଟିକୁ ଆବିଷ୍କାର କରିବାରେ ସାହାଯ୍ୟ କଲେ, ସେମାନେ ଈଶ୍ୱରଙ୍କ ଜ୍ଞାନ, ଈଶ୍ୱରଙ୍କ ମନ ସମ୍ପର୍କରେ ଅନ୍ତର୍ଦୃଷ୍ଟି ଲାଭ କରିଥିବେ ।

### *ଫଳପ୍ରସୂ ହେବା, ବହୁଗୁଣିତ ହେବା ଓ ବୃଦ୍ଧି ପାଇବା ସ୍ୱାଭାବିକ ପରିଣାମ ହୋଇଥାନ୍ତା*

ଈଶ୍ୱର ମନୁଷ୍ୟକୁ ଆଶୀର୍ବାଦ କରିଥିଲେ ଯେପରି ଯେଉଁଥିପାଇଁ ତାକୁ ସୃଷ୍ଟି କରିଛନ୍ତି ତାହା ସେ କରିବ । ଈଶ୍ୱରଙ୍କ ଆଶୀର୍ବାଦ ତାକୁ ଫଳପ୍ରସୂ, ବହୁଗୁଣିତ ଓ ବୃଦ୍ଧି କରିଥାନ୍ତା । ସ୍ୱାଭାବିକ ଭାବରେ ସବୁବିଷୟ ବଢ଼ିବା, ଉନ୍ନତିଲାଭ କରିବା ଓ ବହୁସଂଖ୍ୟକ ହେବା ଦେଖାଯାଇଥାନ୍ତା ।

### *କାର୍ଯ୍ୟ ଉପଭୋଗ୍ୟ, ଆନନ୍ଦଜନକ ହୋଇଥାନ୍ତା*

ଏକ ସିଦ୍ଧ ସମ୍ପୂର୍ଣ୍ଣ ଜଗତରେ, କାର୍ଯ୍ୟ ଏକ ଉପଭୋଗ୍ୟ ଓ ଆନନ୍ଦଜନକ ବିଷୟ ହୋଇଥାନ୍ତା । ଦିନାବସାନ ସମୟରେ ଆମେ ଯେଉଁ କାର୍ଯ୍ୟ କରିଛୁ ତାକୁ ଦେଖି ଆନନ୍ଦିତ ହୋଇଥାନ୍ତୁ ଓ ଖୁସୀ ଜାହିର୍ କରିଥାନ୍ତୁ । ଦିବସ ଶେଷରେ, ଆମେ ଅଦରକାରୀ କାର୍ଯ୍ୟ କଲୁ ବୋଲି ବ୍ୟର୍ଥ ମନୋରଥ ହୋଇ ନ ଥାନ୍ତୁ ବା ନିରାଶ ହୋଇ ନ ଥାନ୍ତୁ । ପ୍ରତ୍ୟେକ ଦିନର କାର୍ଯ୍ୟ ଅର୍ଥପୂର୍ଣ୍ଣ, ଉଦ୍ଦେଶ୍ୟଯୁକ୍ତ ଓ ଆନନ୍ଦଦାୟକ ହୋଇଥାଆନ୍ତା । ସମ୍ଭବତଃ, ଆଗାମୀ ଯୁଗ ବିଷୟରେ ଯିଶାଇୟ ପ୍ରାକ୍ ଦର୍ଶନ କରି ଏହା କହନ୍ତି: *"ପୁଣି, ଲୋକମାନେ ଗୃହ ନିର୍ମାଣ କରି ତହିଁରେ ବାସ କରିବେ ଓ ସେମାନେ ଦ୍ରାକ୍ଷାକ୍ଷେତ୍ର ପ୍ରସ୍ତୁତ କରି ତହିଁର ଫଳ ଭୋଗ କରିବେ । ସେମାନେ ନିର୍ମାଣ କଲେ, ଅନ୍ୟ ତହିଁରେ ବାସ କରିବ ନାହିଁ; ସେମାନେ ରୋପଣ କଲେ, ଅନ୍ୟ କେହି ଫଳ ଭୋଗ କରିବ ନାହିଁ; କାରଣ ଆମ୍ଭ*

*ଲୋକମାନଙ୍କର ଆୟୁ ବୃକ୍ଷର ଆୟୁ ତୁଲ୍ୟ ହେବ ଓ ଆମ୍ଭ ମନୋନୀତ ଲୋକମାନେ ଦୀର୍ଘ କାଳଯାଏ ଆପଣାମାନଙ୍କ ହସ୍ତକୃତ କର୍ମର ଫଳ ଭୋଗ କରିବେ । ସେମାନେ ବୃଥା ପରିଶ୍ରମ କରିବେ ନାହିଁ; କାରଣ ସେମାନେ ଓ ସେମାନଙ୍କ ସଙ୍ଗେ ସେମାନଙ୍କ ସନ୍ତାନଗଣ ସଦାପ୍ରଭୁଙ୍କ ଆଶୀର୍ବାଦ-ପାତ୍ରର ବଂଶ"* (ଯିଶାଇୟ *୬୫*:୨୧-୨୩) ।

କାର୍ଯ୍ୟକ୍ଷେତ୍ରର ବିପର୍ଯ୍ୟୟସବୁ, ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାମାନ, କାର୍ଯ୍ୟରୁ ଛଟେଇ ଓ ଆର୍ଥିକ ସଙ୍କଟ ଅଜଣା ବିଷୟ ହୋଇଥାନ୍ତା ।

# ୨

# କାର୍ଯ୍ୟସ୍ଥାନ - ପତନର ପ୍ରଭାବ ଓ କ୍ରୁଶର ପ୍ରଭାବ

## ପତନ ଏହାକୁ କ୍ଳେଶକର କରିଦେଲା

ମନୁଷ୍ୟର ପତନ କାର୍ଯ୍ୟସ୍ଥାନକୁ ପ୍ରଭାବିତ କରିଥିଲା । ସ୍ୱୟଂ ଈଶ୍ୱର ଏହାର ପରିଣାମକୁ ଘୋଷଣା କରିଥିଲେ ।

**ଆଦିପୁସ୍ତକ ୩:୧୭-୧୯**
**୧୭ ଆଉ ସେ ଆଦମଙ୍କୁ କହିଲେ, ଯେଉଁ ବୃକ୍ଷର ଫଳ ଖାଇବା ବିଷୟରେ ଆମ୍ଭେ ତୁମ୍ଭକୁ ଆଜ୍ଞା ଦେଇ କହିଥିଲୁ, ତାହା ଖାଇବ ନାହିଁ, ତୁମ୍ଭେ ଆପଣା ଭାର୍ଯ୍ୟାର କଥା ଶୁଣି ତାହା ଖାଇଅଛ; ଏଣୁ ତୁମ୍ଭ ସକାଶୁ ଭୂମି ଶାପଗ୍ରସ୍ତ ହେଲା, ତୁମ୍ଭେ ଯାବଜ୍ଜୀବନ କ୍ଳେଶରେ ତହିଁରୁ ଭକ୍ଷ୍ୟ ପାଇବ ।**
**୧୮ ତହିଁରେ କଣ୍ଟା ଓ ଗୋଖରା ଗଛ ଜାତ ହେବ, ପୁଣି ତୁମ୍ଭେ କ୍ଷେତ୍ରର ଶାକ ଭୋଜନ କରିବ ।**
**୧୯ ତୁମ୍ଭେ ଯେଉଁ ମୃତ୍ତିକାରୁ ଗୃହୀତ ହେଲ, ତହିଁରେ ନ ମିଶିବା ପର୍ଯ୍ୟନ୍ତ ଝାଳରେ ଆହାର କରିବ; ଯେହେତୁ ତୁମ୍ଭେ ଧୂଳି ଓ ଧୂଳିରେ ପୁନର୍ବାର ମିଶିଯିବ ।**

କାର୍ଯ୍ୟସ୍ଥାନ ଅଭିଶପ୍ତ ହୋଇଥିଲା । ସୁଫଳ ପାଇବା ନିମନ୍ତେ ଝାଳ ବୁହାଇବା, କଠିନ ପରିଶ୍ରମ କରିବା ଓ କଷ୍ଟର ସହିତ ଆଗେଇବା ଜରୁରୀ ହେଲା, ଯାହା ଜଣେ ବ୍ୟକ୍ତି ଆଜୀବନ କରି ଚାଲିବ । କାର୍ଯ୍ୟସ୍ଥାନରେ ଅନେକ ବିଷୟ ବିରୋଧ, ପ୍ରତିବନ୍ଧକ ଓ ଯନ୍ତ୍ରଣା ଆଣିବେ (କଣ୍ଟା ଓ ଗୋଖରା ଗଛ) । ଏସବୁ ବିଷୟ କାର୍ଯ୍ୟସ୍ଥାନ ପାଇଁ ଈଶ୍ୱରଙ୍କର ମୂଳ ଯୋଜନାରେ ନ ଥିଲା ।

## କ୍ରୁଶ ପତନକୁ ଓଲଟପାଲଟ କରିଦେଇଛି

ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆସିଥିଲେ ଯେପରି କି ସେ ଆମମାନଙ୍କୁ ଏହି ପତନରୁ ସମ୍ପୂର୍ଣ୍ଣରୂପେ ମୁକ୍ତ କରିବେ । ପତନ ଯୋଗୁଁ ମନୁଷ୍ୟ ଜାତି ଉପରକୁ ଆସିଥିବା ସମସ୍ତ ବିଷୟକୁ ପ୍ରଭୁ ଯୀଶୁ ତାଙ୍କର କ୍ରୁଶର କାର୍ଯ୍ୟ ଏବଂ ତାହାଙ୍କ ମୃତ୍ୟୁ, ସମାଧିସ୍ଥ ହେବା ଓ ପୁନରୁତ୍ଥାନ ଦ୍ୱାରା ଓଲଟପାଲଟ କରିଦେଇଥିଲେ । ଏଥିରେ କାର୍ଯ୍ୟସ୍ଥାନ ଉପରେ ରହିଥିବା ପ୍ରଭାବ

ମଧ୍ୟ ଅନ୍ତର୍ଭୁକ୍ତ । ବାଇବଲ ଶିକ୍ଷା ଦିଏ ଯେ *"ତାହାଙ୍କ କ୍ରୁଶର ରକ୍ତରେ ସେ ଶାନ୍ତିସ୍ଥାପନ କରି ତାହାଙ୍କ ଦ୍ୱାରା ଆପଣା ସହିତ ସମସ୍ତର ମିଳନ କରନ୍ତି, ହଁ, ତାହାଙ୍କ ଦ୍ୱାରା ପୃଥିବୀ ଓ ସ୍ୱର୍ଗରେ ସ୍ଥିତ ସମସ୍ତ ବିଷୟର ମିଳନ କରନ୍ତି" (କଲସୀୟ ୧:୨୦)* । ଯୀଶୁଙ୍କ ଦ୍ୱାରା ଏହା କରିବା ପାଇଁ ଈଶ୍ୱରଙ୍କର ଇଚ୍ଛା ରହିଥିଲା । କ୍ରୁଶ "ସମସ୍ତ ବିଷୟକୁ" ମୁକ୍ତ କରେ ଓ ମିଳନ କରାଏ, ଯାହା ପତନ ଯୋଗୁଁ ପ୍ରଭାବିତ ହୋଇଥିଲା । ଏଥିରେ କାର୍ଯ୍ୟସ୍ଥାନ ମଧ୍ୟ ଅନ୍ତର୍ଭୁକ୍ତ । ଆମେମାନେ ପତନରୁ ମୁକ୍ତ ହୋଇଛୁ । ଆମେମାନେ ବୁଝିଥାଉ ଯେ ଆମ ମୁକ୍ତିର କିଛି ଅଂଶ ଏହି ବର୍ତ୍ତମାନ ସମୟର ବାସ୍ତବତା ଅଟେ (ଗାଲାତୀୟ ୧:୪; ଏଫିସୀୟ ୧:୭) ଏବଂ ଆମର ସମ୍ପୂର୍ଣ୍ଣ ମୁକ୍ତି ଭବିଷ୍ୟତରେ ହିଁ କାର୍ଯ୍ୟକାରୀ ହେବ । ଆମେ ଏ ଯାଏଁ ସମ୍ପୂର୍ଣ୍ଣ ମୁକ୍ତି ଅନୁଭବ କରିନାହୁଁ (ଏଫିସୀୟ ୧:୧୪) । ଆମେ ମଧ୍ୟ ବୁଝିଛୁ ଯେ ସୃଷ୍ଟି ଈଶ୍ୱରଙ୍କ ସନ୍ତାନମାନଙ୍କର ପ୍ରକାଶ ନିମନ୍ତେ ଅପେକ୍ଷା କରିରହିଛି ଓ ପତନଯୋଗୁଁ ଏହା ଯେଉଁ ଅସାରତାର ବଶୀଭୂତ ହେଲା ସେଥିରୁ ଉଦ୍ଧାର ପାଇବାକୁ ଅପେକ୍ଷା କରିରହିଛି (ରୋମୀୟ ୮:୧୯-୨୩) । ମୁକ୍ତିପ୍ରାପ୍ତ ଲୋକଭାବରେ, ଆମେ ଏହି ଜୀବନରେ, ଭାବୀଯୁଗର ଶକ୍ତି ଆସ୍ୱାଦନ କରୁ (ଏବ୍ରୀ ୬:୫) । ମୁକ୍ତିର ଅନେକ ଲାଭ ଏହିଠାରେ ଓ ବର୍ତ୍ତମାନ ଆମେ ସିଧାସଳଖ ଉପଭୋଗ କରିପାରିବା । ଉଦାହରଣ ସ୍ୱରୂପ, ଭବିଷ୍ୟତ କାଳରେ ଆମେ ଗୌରବମୟ ଶରୀର ଧାରଣ କରିବା, କିନ୍ତୁ ମୁକ୍ତିକାରୀ କାର୍ଯ୍ୟର ଲାଭରୂପେ ଆମେ ଅସୁସ୍ଥତା ଓ ରୋଗରୁ ଆରୋଗ୍ୟଲାଭ କରିପାରିବା । ସେହିପରି, ଯଦିବା ଯିଶାଇୟ ୬୫:୨୧-୨୩ରେ ଆଗାମୀ ଯୁଗର କାର୍ଯ୍ୟସ୍ଥାନ ବିଷୟରେ ବର୍ଣ୍ଣନା କରାଯାଏ, ମୁକ୍ତିର ଲାଭସମୂହ ଆମର ବର୍ତ୍ତମାନ କାର୍ଯ୍ୟ, କାର୍ଯ୍ୟସ୍ଥାନ ଓ କାର୍ଯ୍ୟ ଜୀବନକୁ ପ୍ରଭାବିତ କରିବ ବୋଲି ଆମେ ଆଶାକରିବା ।

## ଏକ ପତିତ ଜଗତରେ ମୁକ୍ତିପ୍ରାପ୍ତ ନୂତନ ନିୟମର ଲୋକମାନେ

ବିଶ୍ୱାସୀ ଭାବରେ ଏକ ପତିତ ଜଗତରେ ବାସ କରୁଥିଲେ ହେଁ, ଆମେ ଈଶ୍ୱରଙ୍କ ସଙ୍ଗେ ନିୟମରେ ରହିଥିବା ମୁକ୍ତିପ୍ରାପ୍ତ ଲୋକ ଅଟୁ । ତେଣୁ ଏହା ସତ୍ୟ ଯେ ଜଗତର ମନ୍ଦ ବିଷୟସବୁକୁ ଆମେ ସାମ୍ନା କରିବା । ତଥାପି, ଆମେ ପ୍ରଭୁଙ୍କର ମୁକ୍ତିପ୍ରାପ୍ତ ଲୋକ ଭାବରେ ବାସ କରିବାକୁ ହେବ, ନୂତନ ନିୟମର ଲୋକଭାବରେ ବଞ୍ଚିବାକୁ ହେବ କାରଣ ଆମମାନଙ୍କ ଜୀବନରେ କ୍ରୁଶର ଶକ୍ତି କାର୍ଯ୍ୟ କରୁଛି । ତେଣୁ ପ୍ରତ୍ୟେକ ଦିନ ଆମେ ଯେତେବେଳେ କାର୍ଯ୍ୟସ୍ଥାନକୁ ଯାଉ, ଆମେ ବିଶ୍ୱାସ କରିବାକୁ ହେବ ଯେ

କ୍ରୁଶର ମୁକ୍ତିକାରୀ ଶକ୍ତି ଆମର କାର୍ଯ୍ୟ, ଆମର କାର୍ଯ୍ୟସ୍ଥାନ ଓ ଆମର କାର୍ଯ୍ୟ ଜୀବନକୁ ପ୍ରଭାବିତ କରିବ । କ୍ରୁଶ ଯୋଗୁଁ, ଅଭିଶାପ ଓଲଟପାଲଟ ହୋଇଯାଇଛି ଓ କାର୍ଯ୍ୟସ୍ଥାନ ଆଶୀର୍ବାଦଯୁକ୍ତ ହୋଇଛି । କ୍ରୁଶ ଯୋଗୁଁ, ଆମେ ଯେଉଁ କାର୍ଯ୍ୟକରୁ ସେଥିରେ ଫଳପ୍ରସୂ ହେବା ଘୋଷଣା କରୁ ଓ ଆନନ୍ଦ ପ୍ରକାଶ କରୁ । କ୍ରୁଶ ଯୋଗୁଁ, ଆମେ କଣ୍ଟା ଓ ଗୋଖରା ଗଛକୁ, କାର୍ଯ୍ୟସ୍ଥାନରେ ବିରୋଧ ଓ ପ୍ରତିବନ୍ଧକ ସାଜିଥିବା ଓ ଯନ୍ତ୍ରଣା ଦେଉଥିବା ବିଷୟସବୁକୁ ଆମେ ରଦ୍ଦ କରୁ ଏବଂ ତା' ପରିବର୍ତ୍ତେ ଘୋଷଣା କରୁ ଯେ ଈଶ୍ୱରଙ୍କ ଉଦ୍ଦେଶ୍ୟ ସଫଳ ହେବ । କ୍ରୁଶ ଯୋଗୁଁ ଆମେ କାର୍ଯ୍ୟସ୍ଥାନରେ ଈଶ୍ୱରଙ୍କ ମୂଳ ପରିକଳ୍ପନାର ପୁନରୁଦ୍ଧାର କରି ପାରୁ ।

ଈଶ୍ୱର ଅବ୍ରହାମ୍‌ଙ୍କ ସହିତ ରକ୍ତର ଏକ ଚୁକ୍ତି ସ୍ଥାପନ କରିଥିଲେ, ଯାହାକୁ ଅବ୍ରହାମୀୟ ନିୟମ କୁହାଯାଏ । ପରବର୍ତ୍ତୀ ସମୟରେ ମୋଶାଙ୍କ ଦ୍ୱାରା ଈଶ୍ୱର ତାଙ୍କର ବ୍ୟବସ୍ଥା ପ୍ରଚଳନ କରିଥିଲେ, ଯାହାକୁ ପୁରାତନ ନିମୟ କୁହାଗଲା, ଏବଂ ଏହା ମଧ୍ୟ ରକ୍ତ ବଳି ଉପରେ ପର୍ଯ୍ୟବସିତ ଥିଲା । ଏସମସ୍ତ ନିୟମ ନୂତନ ନିୟମ ଆଡ଼କୁ ସୂଚିତ କରୁଥିଲା, ଯାହା ପ୍ରଭୁ ଯୀଶୁ ଖ୍ରୀଷ୍ଟ କାଲ୍‌ବରୀ କ୍ରୁଶରେ ତାଙ୍କର ରକ୍ତ ବୁହାଇ ସ୍ଥାପନ କରିଥିଲେ । ନୂତନ ନିୟମ ପୁରାତନ ନିୟମ ଅପେକ୍ଷା ଅଧିକ ଉତ୍ତମ ଥିଲା ।

*"ଯୀଶୁ ଶ୍ରେଷ୍ଠତର ନିୟମର ମଧ୍ୟସ୍ଥ ହୋଇଅଛନ୍ତି" (ଏବ୍ରୀ ୭:୨୨) ।*

*"ଏବେ ସେ ଉତ୍କୃଷ୍ଟତର ପ୍ରତିଜ୍ଞାଗୁଡ଼ିକ ଉପରେ ସ୍ଥାପିତ ଶ୍ରେଷ୍ଠତର ନିୟମର ମଧ୍ୟସ୍ଥ ହୋଇଅଛନ୍ତି ।" (ଏବ୍ରୀ ୮:୬) ।*

ଆମେ ଦେଖିବା କିପରି ଅବ୍ରହାମୀୟ ନିୟମ ଓ ପୁରାତନ ନିୟମ ଯୋଗୁଁ "କାର୍ଯ୍ୟ", "ଶ୍ରମ", "ସମ୍ପଦ ସୃଷ୍ଟି କରିବା", ଇତ୍ୟାଦି ପ୍ରଭାବିତ ହୋଇଥିଲା । ଏହା ସତ୍ୟ ଯେ କାର୍ଯ୍ୟସ୍ଥାନର ଆଶୀର୍ବାଦସମୂହ ଅପେକ୍ଷା ଏହି ଦୁଇଟି ନିୟମରେ ବହୁତ କିଛି ରହିଛି । କିନ୍ତୁ ଏହି ଅଧ୍ୟୟନରେ ଆମେ ନିର୍ଦ୍ଦିଷ୍ଟରୂପେ କାର୍ଯ୍ୟ, କାର୍ଯ୍ୟସ୍ଥାନ ଓ କାର୍ଯ୍ୟ ଜୀବନ ଉପରେ ଗୁରୁତ୍ୱ ଦେଉଛୁ, ଏଣୁ ଆମେ ଅନୁଧ୍ୟାନ କରିବାକୁ ଆଗ୍ରହୀ କିପରି ଏହି ଦୁଇ ନିୟମ ଏସବୁ କ୍ଷେତ୍ରକୁ ପ୍ରଭାବିତ କରିଥିଲା । ପତନ ଯୋଗୁଁ ଘୋଷଣା କରାଗଲା ଯେ ଭୂମି ଅଭିଶପ୍ତ ହେଲା ଏବଂ ଉତ୍ପାଦନ ପାଇଁ ମନୁଷ୍ୟକୁ କାର୍ଯ୍ୟ ଓ କଠିନ ପରିଶ୍ରମ କରିବାକୁ ପଡ଼ିବ । ତେବେ ଚିତ୍ତାକର୍ଷକ ବିଷୟ ଏହି ଯେ ଅବ୍ରହାମୀୟ ନିୟମ ବା ପୁରାତନ ନିୟମରେ ଏସବୁ କ୍ଷେତ୍ରକୁ ଆଶୀର୍ବାଦ କରାଯାଇଛି । ସେମାନେ ଏହା ଅନୁଭବ

କରିଥିଲେ । ଯେହେତୁ ନୂତନ ନିୟମ ପୁରାତନ ନିମୟଠାରୁ ଉତ୍କୃଷ୍ଟତର ଥିଲା, ଆମେ ମଧ୍ୟ ଅନୁରୂପ ଆଶା ପୋଷଣ କରିବା, ଅର୍ଥାତ୍ ଆମମାନଙ୍କର କାର୍ଯ୍ୟ ଜୀବନରେ ମହତ୍ ଆଶୀର୍ବାଦସମୂହ ପାଇବାକୁ ଆଶା କରିବା, ଯାହା ମୁକ୍ତି ଓ ନିୟମ ଜନିତ ଆଶୀର୍ବାଦସମୂହଠାରୁ ଉତ୍କୃଷ୍ଟତର ହୋଇ ନ ପାରେ ।

ଆମେ ମଧ୍ୟ ବୁଝିବା ଆବଶ୍ୟକ ଯେ ଈଶ୍ୱର ଯେତେବେଳେ ଏକ ଆଶୀର୍ବାଦ ଘୋଷଣା କରନ୍ତି ତାହା ବ୍ୟାପକ ଭାବରେ ଜୀବନର ସମସ୍ତ କ୍ଷେତ୍ରକୁ ପ୍ରଭାବିତ କରିଥାଏ । ଈଶ୍ୱର ଅବ୍ରହାମଙ୍କୁ କହିଲେ, "ଆମେ ତୁମକୁ ଓ ତୁମ ବଂଶଧରମାନଙ୍କୁ ଆଶୀର୍ବାଦ କରିବା" । ସେ କହି ନ ଥିଲେ ଯେ ସେହି ଆଶୀର୍ବାଦ ମଧ୍ୟରେ ଅବ୍ରହାମ ଓ ତାଙ୍କ ବଂଶଧରମାନଙ୍କ ନିମନ୍ତେ ଆରୋଗ୍ୟଲାଭ ମଧ୍ୟ ରହିଛି । ତେବେ, ଆମେ ସୁସମାଚାରରେ ଦେଖୁ, ଯୀଶୁ ଜଣେ କୁବ୍ଜା ସ୍ତ୍ରୀକୁ ଦେଖିଲେ ଯେ କି ଅଠର ବର୍ଷ ବ୍ୟାପି ସେପରି ରହିଥିଲା ଓ କୌଣସି ପ୍ରକାରେ ଆପଣାକୁ ସଳଖ କରି ପାରୁ ନ ଥିଲା । ସେତେବେଳେ ସେ ତାକୁ ସୁସ୍ଥ କରିଥିଲେ । ସେ କହିଲେ ତା'ର ସୁସ୍ଥ ହେବାର ଅଧିକାର ରହିଛି କାରଣ ସେ ଅବ୍ରହାମଙ୍କ କନ୍ୟା । *"ତେବେ ଦେଖ, ଅଠର ବର୍ଷ ବ୍ୟାପି ଶୟତାନ ଦ୍ୱାରା ଆବଦ୍ଧ ଅବ୍ରହାମଙ୍କ କନ୍ୟା ଏହି ସ୍ତ୍ରୀଲୋକଟି କଅଣ ବିଶ୍ରାମବାରରେ ଆପଣା ବନ୍ଧନରୁ ମୁକ୍ତ ହେବା ଆବଶ୍ୟକ ନ ଥିଲା"?* (ଲୂକ ୧୩:୧୬) । ସୁସ୍ଥ ହେବା ତା'ର ଅଧିକାର ଥିଲା କାରଣ ସେ ଅଧିକାରସ୍ୱରୂପେ ଅବ୍ରହାମଙ୍କୁ ଦତ୍ତ ଆଶୀର୍ବାଦ ପାଇଛି, ଯଦିବା ଈଶ୍ୱର କେବେ ଅବ୍ରହାମଙ୍କୁ ନିର୍ଦ୍ଦିଷ୍ଟରୂପେ କହି ନ ଥିଲେ ଯେ ସୁସ୍ଥ ହେବା ସେହି ଆଶୀର୍ବାଦ ମଧ୍ୟରେ ଅନ୍ତର୍ଭୁକ୍ତ । ଈଶ୍ୱର କେବଳ କହିଥିଲେ "ଆମ୍ଭେ ତୁମ୍ଭକୁ ଆଶୀର୍ବାଦ କରିବା" ଓ ସେ ମଧ୍ୟ ତାହାଙ୍କ ଭବିଷ୍ୟଦ୍ ବଂଶକୁ ମଧ୍ୟ ସେହି ଆଶୀର୍ବାଦର ନିୟମରେ ଅନ୍ତର୍ଭୁକ୍ତ କରିଥିଲେ । (ଆଦିପୁସ୍ତକ ୧୨:୧-୩, ଆଦିପୁସ୍ତକ ୧୭:୭) । ତେଣୁ କରି, ଈଶ୍ୱର ଯେତେବେଳେ ଘୋଷଣା କରୁଛନ୍ତି ଯେ ସେ ଆମକୁ ଆଶୀର୍ବାଦ କରିବେ, ସେ ଆମକୁ କହିବାକୁ ଚାହୁଁଛନ୍ତି ଯେ ସେ ଯାହା ଅଟନ୍ତି ତାହା ଆମମାନଙ୍କ ଜୀବନରେ ମୁକ୍ତ କରିବେ, ଯେପରି କି ଆମେ ଅନୁଭବ କରିବା ସେ କିଏ ଅଟନ୍ତି, ଅର୍ଥାତ୍ ତାଙ୍କର ଉତ୍ତମତା, ତାଙ୍କର ଦୟା, ତାଙ୍କର କରୁଣା, ତାଙ୍କର ଶକ୍ତି, ତାଙ୍କର ଆରୋଗ୍ୟ, ତାଙ୍କର ଯୋଗାଣ ବ୍ୟବସ୍ଥା, ଇତ୍ୟାଦିକୁ ଅନୁଭବ କରିବା । ଅବ୍ରହାମୀୟ ନିୟମ ଓ ପୁରାତନ ନିମୟକୁ ଦେଖିଲେ ଆମେ ମଧ୍ୟ ଦେଖିପାରୁ ଯେ ପ୍ରଭୁ ତାଙ୍କର ନିୟମର ଲୋକମାନଙ୍କୁ କାର୍ଯ୍ୟସ୍ଥାନରେ ଆଶୀର୍ବାଦ ଅନୁଭବ କରିବାକୁ ଦେଇଛନ୍ତି । ଏହାକୁ ନିମ୍ନରେ ବୁଝାଇ ଦିଆଯାଇଛି ।

## ଆପଣଙ୍କ ଭୂମି ଆଶୀର୍ବାଦପ୍ରାପ୍ତ

ଅବ୍ରହାମ ତାଙ୍କ ଜୀବନରେ ଈଶ୍ୱରଙ୍କ ଆଶୀର୍ବାଦ ପାଇଥିଲେ । ଯଦିବା ଅବ୍ରହାମ ଆରମ୍ଭରୁ ଧନବାନ୍ ଥିଲେ (ଆଦିପୁସ୍ତକ ୧୩:୨), ଈଶ୍ୱରଙ୍କ ଆଶୀର୍ବାଦ ତାଙ୍କୁ ଅଧିକ ଫଳପ୍ରସୂ ଓ ବର୍ଦ୍ଧିଷ୍ଣୁ କରିଥିଲା । *"ସେହି ସମୟରେ ଅବ୍ରହାମ ବୃଦ୍ଧ ଓ ଗତବୟସ୍କ ଥିଲେ, ପୁଣି ସଦାପ୍ରଭୁ ଅବ୍ରହାମଙ୍କୁ ସବୁ ବିଷୟରେ ଆଶୀର୍ବାଦ କରିଥିଲେ"* (ଆଦିପୁସ୍ତକ ୨୪:୧) । *"ସଦାପ୍ରଭୁ ମୋ' କର୍ତ୍ତାଙ୍କୁ ଅତିଶୟ ଆଶୀର୍ବାଦ କରିଅଛନ୍ତି, ତେଣୁ ସେ ବଡ଼-ଲୋକ ହୋଇଅଛନ୍ତି; ଆଉ ସଦାପ୍ରଭୁ ତାଙ୍କୁ ପଲ ପଲ ଗୋମେଷାଦି ଓ ରୂପା ସୁନା ଓ ଦାସଦାସୀ, ପୁଣି ଓଟ ଗଧ ଦେଇଅଛନ୍ତି"* (ଆଦିପୁସ୍ତକ ୨୪:୩୫) ।

ଅବ୍ରହାମଙ୍କ ପୁତ୍ର ଇସ୍‌ହାକ କାର୍ଯ୍ୟସ୍ଥାନରେ ଈଶ୍ୱରଙ୍କ ଆଶୀର୍ବାଦ ଅନୁଭବ କରିଥିଲେ । *"ଅନନ୍ତର ଇସ୍‌ହାକ ସେହି ଦେଶରେ କୃଷିକର୍ମ କରି ସେହି ବର୍ଷ ଶଏ ଗୁଣ ଲାଭ କଲେ; ପୁଣି ସଦାପ୍ରଭୁ ତାଙ୍କୁ ଆଶୀର୍ବାଦ କଲେ । ଏନିମନ୍ତେ ସେ ବର୍ଦ୍ଧିଷ୍ଣୁ ହେଲେ, ପୁଣି ସେ ଆହୁରି ଆହୁରି ବୃଦ୍ଧି ପାଇ ଅତି ମହାନ୍ ହେଲେ"* (ଆଦିପୁସ୍ତକ ୨୬:୧୨,୧୩) ।

ପୁରାତନ ନିୟମରେ ଈଶ୍ୱର ତାଙ୍କର ଆଜ୍ଞାବହ ହୋଇ ଚାଲୁଥିବା ଲୋକମାନଙ୍କୁ ନିମ୍ନ ଆଶୀର୍ବାଦମାନ ଘୋଷଣା କରିଥିଲେ । *"ତୁମ୍ଭେ ନଗରରେ ଧନ୍ୟ ହେବ ଓ କ୍ଷେତ୍ରରେ ଧନ୍ୟ ହେବ । ତୁମ୍ଭ ଶରୀରର ଫଳ ଓ ତୁମ୍ଭ ଭୂମିର ଫଳ ଓ ତୁମ୍ଭ ପଶୁର ଫଳ, ଅର୍ଥାତ୍, ଗୋବତ୍ସ ଓ ମେଷପଲର ଶାବକ ଧନ୍ୟ ହେବ । ତୁମ୍ଭ ଟାଙ୍ଗୁଡ଼ି ଓ ମଇଦା ଦଳିବା ପାତ୍ର ଧନ୍ୟ ହେବ । ତୁମ୍ଭେ ଗୃହକୁ ଆସିବାବେଳେ ଧନ୍ୟ ଓ ଗୃହରୁ ବାହାରେ ଯିବାବେଳେ ଧନ୍ୟ ହେବ"* (ଦ୍ୱି. ବିବରଣ ୨୮:୩-୬) ।

ପତନ ଯୋଗୁଁ କାର୍ଯ୍ୟସ୍ଥାନକୁ ଅଭିଶାପ ଆସିଥିଲା, କିନ୍ତୁ ଯେଉଁମାନେ ରକ୍ତର ନିୟମରେ ଈଶ୍ୱରଙ୍କ ସହିତ ରହିଥିଲେ, ଈଶ୍ୱର ସେମାନଙ୍କୁ କାର୍ଯ୍ୟକ୍ଷେତ୍ରରେ ଆଶୀର୍ବାଦ ପ୍ରଦାନ କରିଥିଲେ । ଆମେ କ'ଣ ନୂତନ ନିୟମରେ ଏହା ଆଶା କରିବା ନାହିଁ ?

## ଆପଣଙ୍କ ହସ୍ତର ସମସ୍ତ କାର୍ଯ୍ୟ ଆଶୀର୍ବାଦପ୍ରାପ୍ତ

ପତନ ଦ୍ୱାରା କ୍ଲେଶ, ଶ୍ରମ, ଝାଳ ଓ କାର୍ଯ୍ୟକ୍ଷେତ୍ରରେ କମ୍ ଉତ୍ପାଦନ ଆସିଥିଲା । ଯେଉଁମାନେ ଈଶ୍ୱରଙ୍କ ସଙ୍ଗେ ରକ୍ତର ନିୟମରେ ରହିଥିଲେ ଈଶ୍ୱର ସେମାନଙ୍କ କାର୍ଯ୍ୟରେ ଆଶୀର୍ବାଦ ଘୋଷଣା କରିଥିଲେ ।

**ଦ୍ୱି.ବିବରଣ ୨୮:୮,୧୨,୧୩**
**୮ ସଦାପ୍ରଭୁ ତୁମ୍ଭ ଅମାରରେ ଓ ଯେ ଯେ କର୍ମରେ ତୁମ୍ଭେ ହସ୍ତ ଦେବ, ସେସବୁରେ ଆଶୀର୍ବାଦପ୍ରାପ୍ତି ଆଜ୍ଞା କରିବେ; ପୁଣି ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତୁମ୍ଭକୁ ଯେଉଁ ଦେଶ ଦେବେ, ତହିଁରେ ସେ ତୁମ୍ଭକୁ ଆଶୀର୍ବାଦ କରିବେ ।**
**୧୨ ସଦାପ୍ରଭୁ ଯଥା ସମୟରେ ତୁମ୍ଭ ଭୂମିରେ ବୃଷ୍ଟି ଦେବାକୁ ଓ ତୁମ୍ଭ ହସ୍ତର ସମସ୍ତ କର୍ମରେ ଆଶୀର୍ବାଦ କରିବାକୁ ଆପଣା ଆକାଶରୂପ ଉତ୍ତମ ଭଣ୍ଡାର ତୁମ୍ଭ ପ୍ରତି ମୁକ୍ତ କରିବେ; ତହିଁରେ ତୁମ୍ଭେ ଅନେକ ଗୋଷ୍ଠୀୟ ଲୋକମାନଙ୍କୁ ଋଣ ଦେବ, ମାତ୍ର ତୁମ୍ଭେ ଋଣ ନେବ ନାହିଁ ।**
**୧୩ ଆଉ ସଦାପ୍ରଭୁ ତୁମ୍ଭ ପରମେଶ୍ୱରର ଯେ ଯେ ଆଜ୍ଞା ମାନିବାକୁ ଓ କରିବାକୁ ମୁଁ ଆଜି ତୁମ୍ଭକୁ ଆଦେଶ କରୁଅଛି, ସେସବୁ ଯେବେ ତୁମ୍ଭେ ଶୁଣିବ ଓ ମୁଁ ଆଜି ତୁମ୍ଭମାନଙ୍କୁ ଯେ ଯେ ବାକ୍ୟ ଆଜ୍ଞା କରୁଅଛି, ତୁମ୍ଭେ ତହିଁ ମଧ୍ୟରୁ କୌଣସି ବାକ୍ୟର ଦକ୍ଷିଣରେ କି ବାମରେ ଫେରି ଅନ୍ୟ ଦେବତାଗଣର ସେବା କରିବା ପାଇଁ ସେମାନଙ୍କ ଅନୁଗାମୀ ନ ହେବ ।**

ପୁରାତନ ନିୟମରେ, ଈଶ୍ୱର ତାଙ୍କ ଲୋକମାନଙ୍କୁ ନିଶ୍ଚିତତା ଦେଇ କହିଥିଲେ ଯେ ସେମାନେ ଯଦି ତାଙ୍କ ପଥରେ ଓ ତାଙ୍କ ବାକ୍ୟାନୁସାରେ ଚାଲିବେ, ସେମାନେ ସେମାନଙ୍କ ହସ୍ତର ସମସ୍ତ କାର୍ଯ୍ୟରେ ପ୍ରଗତି କରିବେ । ତେବେ ପବିତ୍ର ଆତ୍ମାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଗୀତରଚକ କହନ୍ତି: *"ଯେଉଁ ଜନ ଦୁଷ୍ଟମାନଙ୍କ ମନ୍ତ୍ରଣାରେ ଚାଲେ ନାହିଁ, ଅବା ପାପୀମାନଙ୍କ ମାର୍ଗରେ ଠିଆ ହୁଏ ନାହିଁ, କିଅବା ନିନ୍ଦକମାନଙ୍କ ସଭାରେ ବସେ ନାହିଁ, ମାତ୍ର ସଦାପ୍ରଭୁଙ୍କ ବ୍ୟବସ୍ଥାରେ ଯାହାର ଆମୋଦ ଥାଏ ଓ ଯେ ଦିବାରାତ୍ର ତାହାଙ୍କର ବ୍ୟବସ୍ଥା ଧ୍ୟାନ କରେ, ସେ ଧନ୍ୟ । ଯେଉଁ ବୃକ୍ଷ ଜଳସ୍ରୋତ ନିକଟରେ ରୋପିତ, ଯେ ସ୍ୱସମୟରେ ଫଳ ଉତ୍ପନ୍ନ କରେ, ଯାହାର ପତ୍ର ହିଁ ମଳିନ ହୁଏ ନାହିଁ, ଏପରି ବୃକ୍ଷ ସଦୃଶ ସେ ହେବ"* (ଗୀତସଂହିତା ୧:୧-୩) ।

ଆମେ କ'ଣ ଏହା ନୂତନ ନିୟମରେ ଆମ ନିମନ୍ତେ ଆଶା କରିବା ନାହିଁ ?

## ଧନଲାଭ ନିମନ୍ତେ ମଧ୍ୟ ଈଶ୍ୱର ଶକ୍ତି ପ୍ରଦାନ କରନ୍ତି

ପୁରାତନ ନିୟମର ଲୋକମାନେ ବୁଝିଥିଲେ ଯେ ଈଶ୍ୱର ହିଁ ସେମାନଙ୍କୁ ଧନଲାଭ କରିବା ପାଇଁ ଶକ୍ତି ଦିଅନ୍ତି, କାରଣ ଏହା ସେମାନଙ୍କ ସଙ୍ଗେ ଈଶ୍ୱରଙ୍କ ନିୟମର ଅଂଶବିଶେଷ । ଯେଯାଏଁ ସେମାନେ ପ୍ରଭୁଭୟରେ ଓ ତାହାଙ୍କ ଆଜ୍ଞାବହ ହୋଇ ଚାଲନ୍ତି ସେମାନେ ଏହି ଆଶୀର୍ବାଦ ପାଇଥାନ୍ତି ।

ଦ୍ୱିତୀୟ ବିବରଣ ୮:୧୮
ମାତ୍ର ତୁମ୍ଭେ ସଦାପ୍ରଭୁ ଆପଣା ପରମେଶ୍ୱରଙ୍କୁ ସ୍ମରଣ କରିବ, କାରଣ ସେ ତୁମ୍ଭ ପୂର୍ବପୁରୁଷମାନଙ୍କ ନିକଟରେ ଆପଣାର ଯେଉଁ ନିୟମ ବିଷୟରେ ଶପଥ କରିଥିଲେ, ତାହା ସେ ଆଜି ଦିନ ପରି ସ୍ଥିର କରିବା ପାଇଁ ତୁମ୍ଭକୁ ଐଶ୍ୱର୍ଯ୍ୟ ପାଇବାର ସାମର୍ଥ୍ୟ ଦେଲେ ।

ଗୀତସଂହିତା ୧୧୨:୧-୩
୧ ତୁମ୍ଭେମାନେ ସଦାପ୍ରଭୁଙ୍କର ପ୍ରଶଂସା କର, ଯେଉଁ ଜନ ସଦାପ୍ରଭୁଙ୍କୁ ଭୟ କରେ, ଯେ ତାହାଙ୍କ ଆଜ୍ଞାସବୁରେ ଅତିଶୟ ସନ୍ତୁଷ୍ଟ ହୁଏ, ସେ ଧନ୍ୟ ।
୨ ତାହାର ବଂଶ ପୃଥିବୀରେ ବିକ୍ରମଶାଳୀ ହେବେ; ସରଳ ଲୋକର ବଂଶ ଆଶୀର୍ବାଦପ୍ରାପ୍ତ ହେବେ ।
୩ ତାହାର ଗୃହରେ ଧନ ସମ୍ପତ୍ତି ଥାଏ ଓ ତାହାର ଧର୍ମ ସଦାକାଳସ୍ଥାୟୀ ।

ଆମେ କ'ଣ ଏହା ନୂତନ ନିମୟରେ ଆମ ନିମନ୍ତେ ଆଶା କରିବା ନାହିଁ?

## ଗ୍ରାସକାରୀକୁ ଭର୍ତ୍ସନା କରାଯାଇଛି

ପୁରାତନ ନିମୟର ଲୋକମାନଙ୍କୁ କୁହାଯାଇଥିଲା ଯେ ସେମାନେ ସେମାନଙ୍କ ପରିଶ୍ରମର ପ୍ରଥମ ଫଳରେ ଈଶ୍ୱରଙ୍କର ସମାଦର କରିବେ । କାର୍ଯ୍ୟସ୍ଥାନରୁ ଯାହା ସେମାନେ ପାଉଥିଲେ ତାର ଏକ ଅଂଶ ସେମାନେ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରୁଥିଲେ । ପ୍ରଭୁଙ୍କ ଉଦ୍ଦେଶ୍ୟରେ ଦେବା, ଯଦିବା ଈଶ୍ୱରଙ୍କର ଉପାସନାର ଏକ ଅଂଶ ଥିଲା, ଏହା କରିବା ଦ୍ୱାରା ସେମାନେ ଅଧିକ ଉତ୍ପାଦନ ପାଉଥଲେ ।

ହିତୋପଦେଶ ୩:୯,୧୦
୯ ତୁମ୍ଭେ ଆପଣା ଧନରେ ଓ ସମସ୍ତ ଆୟର ପ୍ରଥମ ଫଳରେ ସଦାପ୍ରଭୁଙ୍କର ସମାଦର କର ।
୧୦ ତହିଁରେ ତୁମ୍ଭର ଭଣ୍ଡାର ବହୁ ଧନରେ ପରିପୂର୍ଣ୍ଣ ହେବ ଓ ତୁମ୍ଭ କୁଣ୍ଡରେ ନୂତନ ଦ୍ରାକ୍ଷାରସ ଉଚ୍ଛୁଳି ପଡ଼ିବ ।

ଯେଉଁମାନେ ଆଜ୍ଞାବହ ହୋଇ ସେମାନଙ୍କ ଉତ୍ପାଦନର (ଆୟ, ରୋଜଗାର) ଦଶମାଂଶ ଈଶ୍ୱରଙ୍କ ଗୃହକୁ ଆଣୁଥିଲେ ସେମାନଙ୍କ ନିମନ୍ତେ ଈଶ୍ୱର ଏହି ପ୍ରତିଜ୍ଞା କରିଥିଲେ । *"ପୁଣି, ଆମ୍ଭେ ତୁମ୍ଭମାନଙ୍କ ସକାଶୁ ଗ୍ରାସକାରୀକି ଧମକାଇବା, ତହିଁରେ ସେ ତୁମ୍ଭମାନଙ୍କ ଭୂମିର ଫଳ ନଷ୍ଟ କରିବ ନାହିଁ; କିଅବା କ୍ଷେତ୍ରରେ ତୁମ୍ଭମାନଙ୍କର ଦ୍ରାକ୍ଷାଲତାର ଫଳ ଅକାଳରେ ଝଡ଼ିବ ନାହିଁ, ଏହା ସୈନ୍ୟାଧିପତି ସଦାପ୍ରଭୁ କହନ୍ତି"* (ମଲାଖି ୩:୧୧) ।

ପତନ ଯୋଗୁଁ କାର୍ଯ୍ୟକ୍ଷେତ୍ରରେ "କଣ୍ଟା ଓ ଗୋଖରା ଗଛ" ଜାତ ହୋଇଥିଲା । କିନ୍ତୁ ଈଶ୍ୱର ନିଜେ ତାଙ୍କର ଆଜ୍ଞାବହ ହୋଇ ଚାଲୁଥିବା ତାଙ୍କ ନିୟମର ଲୋକମାନଙ୍କର ଦାୟିତ୍ୱବହନକାରୀ ଭାବରେ ଠିଆ ହେଲେ ଓ ନିଶ୍ଚିତତା ଦେଲେ ଯେ ସେମାନଙ୍କ ଭୂମିର ଫଳ କ୍ଷତିଗ୍ରସ୍ତ ହେବ ନାହିଁ ।

ଆମେ କ'ଣ ଏହା ନୂତନ ନିୟମରେ ଆମ ନିମନ୍ତେ ଆଶା କରିବା ନାହିଁ ?

## ଆପଣ ଆପଣଙ୍କ ହସ୍ତର କାର୍ଯ୍ୟକୁ ଉପଭୋଗ କରିବେ

ପୁରାତନ ନିୟମର ଈଶ୍ୱରଙ୍କ ଲୋକମାନେ ବୁଝିଥିଲେ ଯେ, ପ୍ରଭୁଙ୍କ ଆଶୀର୍ବାଦର ଅଂଶବିଶେଷ ସ୍ୱରୂପ, ଆମେ ଆମ କାର୍ଯ୍ୟକୁ ଓ ଆମ କାର୍ଯ୍ୟର ଫଳକୁ ଉପଭୋଗ କରିବା, ଏବଂ ଏହା ଆମର ମଙ୍ଗଳକାରୀ ହେବ ।

ଗୀତସଂହିତା ୧୨୮:୧,୨
**୧ ଯେଉଁମାନେ ସଦାପ୍ରଭୁଙ୍କୁ ଭୟ କରନ୍ତି ଓ ତାହାଙ୍କ ପଥରେ ଚାଲନ୍ତି, ସେମାନଙ୍କ ପ୍ରତ୍ୟେକ ଲୋକ ଧନ୍ୟ ।**
**୨ କାରଣ ତୁମ୍ଭେ ଆପଣା ହସ୍ତକୃତ ପରିଶ୍ରମର ଫଳ ଭୋଜନ କରିବ; ତୁମ୍ଭେ ସୁଖୀ ହେବ ଓ ତୁମ୍ଭର ମଙ୍ଗଳ ହେବ ।**

ଉପଦେଶକ ୩:୧୩
**ଆହୁରି, ପ୍ରତ୍ୟେକ ମନୁଷ୍ୟ ଭୋଜନ ପାନ କରି ଆପଣା ସକଳ ପରିଶ୍ରମରେ ସୁଖଭୋଗ କରିବ, ଏହା ପରମେଶ୍ୱରଙ୍କ ଦାନ ।**

ଉପଦେଶକ ୫:୧୯
**ଆହୁରି, ପରମେଶ୍ୱର କୌଣସି ବ୍ୟକ୍ତିକି ଧନ ସମ୍ପତ୍ତି ଦାନ କରି ତାହା ଭୋଗ କରିବାକୁ ଓ ଆପଣା ଅଂଶ ଗ୍ରହଣ କରିବାକୁ ଓ ଆପଣା ପରିଶ୍ରମରେ ଆନନ୍ଦ କରିବାକୁ କ୍ଷମତା ଦେଲେ, ଏହା ହିଁ ପରମେଶ୍ୱରଙ୍କ ଦାନ ।**

ଆପଣଙ୍କ କାର୍ଯ୍ୟକୁ ଓ ଆପଣଙ୍କ କାର୍ଯ୍ୟର ଫଳକୁ ଉପଭୋଗ କରିବା, ଈଶ୍ୱରଙ୍କର ଉପହାର । ଈଶ୍ୱର ତଥାପି, ଆଜି ମଧ୍ୟ, ତାଙ୍କର ଲୋକମାନଙ୍କୁ  ଅର୍ଥାତ୍ ଆମକୁ ଏହି ଉପହାର ଦେଉଛନ୍ତି ।

# ୩

# ଏକ ଅସମ୍ପୂର୍ଣ୍ଣ ଦୋଷପୂର୍ଣ୍ଣ ଜଗତରେ କାର୍ଯ୍ୟ କରିବା

ଏହି ଅଧ୍ୟୟନର ଉଦ୍ଦେଶ୍ୟ ହେଉଛି ବିଶ୍ୱାସୀମାନଙ୍କୁ ଉତ୍ସାହିତ କରିବା ଯେପରି କି ସେମାନେ ମୁକ୍ତିର ଆଲୋକରେ କାର୍ଯ୍ୟସ୍ଥାନକୁ ଦେଖନ୍ତି, ଏବଂ ଆମର କାର୍ଯ୍ୟ, କାର୍ଯ୍ୟସ୍ଥାନ ଓ କାର୍ଯ୍ୟ ଜୀବନ ନିମନ୍ତେ ରଖିଥିବା ଈଶ୍ୱରଙ୍କର ମୂଳ ପରିକଳ୍ପନାକୁ ପୁନଃଆବିଷ୍କାର କରନ୍ତି । ଆମେ ଅବଶ୍ୟ, ସ୍ଥିତାବସ୍ଥା ବଜାୟ ରଖି, ଜଗତର ଅନ୍ୟମାନଙ୍କ ପରି ଆମର କାର୍ଯ୍ୟଜୀବନକୁ ପୂର୍ବଭଳି ଆଗେଇ ନେଇପାରିବା, କିଅବା ଖ୍ରୀଷ୍ଟଙ୍କ ମୁକ୍ତିର କାର୍ଯ୍ୟକୁ କାର୍ଯ୍ୟକାରୀ କରି କାର୍ଯ୍ୟସ୍ଥାନରେ ନୂତନ ନିୟମର ଆଶୀର୍ବାଦସବୁକୁ ଲାଭ କରିବା ପାଇଁ ବ୍ରତୀ ହେବା । ଆମ କାର୍ଯ୍ୟସ୍ଥାନର ପରିସ୍ଥିତି ଭିନ୍ନ ହେଉ ବୋଲି ଆମେ ଆଶା କରିପାରୁ ।

ଆପଣ ଯେତେବେଳେ ବଗିଚାରେ କାର୍ଯ୍ୟକରନ୍ତି (ଆପଣଙ୍କ କାର୍ଯ୍ୟ କରନ୍ତି), ଆପଣ ଜାଣିବାକୁ ଚାହିଁବେ କି ଈଶ୍ୱରଙ୍କର ମୂଳ ପରିକଳ୍ପନା କ'ଣ ଥିଲା ? ଜଣେ ମୁକ୍ତିପ୍ରାପ୍ତ ଓ ଈଶ୍ୱରଙ୍କ ନିୟମର ଲୋକଭାବେ ଆପଣଙ୍କ କାର୍ଯ୍ୟ, କାର୍ଯ୍ୟସ୍ଥାନ ଓ କାର୍ଯ୍ୟ ଜୀବନ ନିମନ୍ତେ ଯେଉଁ ଆଶୀର୍ବାଦସବୁ ରହିଛି ତାହା ବିଶ୍ୱାସରେ ଗ୍ରହଣ କରିବେ କି ?

## କ୍ରୁଶର ଶକ୍ତି ଆପଣଙ୍କ କାର୍ଯ୍ୟସ୍ଥାନ ଓ କାର୍ଯ୍ୟ ଜୀବନକୁ ପ୍ରଭାବିତ କରୁ ବୋଲି ଆଶା କରନ୍ତୁ

ଆମେମାନେ ଏକ ପତିତ ଜଗତରେ ବାସ କରୁ । ଜୀବନ ସର୍ବଦା ନ୍ୟାୟୋଚିତ ବ୍ୟବହାର କରି ନ ଥାଏ । କାର୍ଯ୍ୟସ୍ଥାନର ବିଷୟସବୁ ସବୁବେଳେ ସହଜ ନ ଥାଏ । କାର୍ଯ୍ୟସ୍ଥାନରେ ନିରାଶା ଓ ଆହ୍ୱାନ ରହିଥାଏ, ଅସାଧୁ କର୍ତ୍ତୃପକ୍ଷ ଏବଂ ନୀତିହୀନ କାର୍ଯ୍ୟ କରୁଥିବା ଲୋକମାନେ ରହିଥାନ୍ତି । ବଜାର ଅସ୍ଥିର ରହିଥାଏ, ଆର୍ଥିକ ସ୍ଥିତିର ଉତ୍‌ଥାନ ପତନ ଲାଗିରହିଥାଏ, ଅନେକେ ଛଟେଇର ଶିକାର ହୁଅନ୍ତି, କମ୍ ଲୋକରେ କାମ କରିବା ଓ ଅନ୍ୟାନ୍ୟ ଅନପେକ୍ଷିତ ଅପ୍ରୀତିକର ପରିବର୍ତ୍ତନ ଦେଖାଯାଏ । ଅନେକ ସଂଗଠନ ନୀତିହୀନ

ଭାବରେ କାର୍ଯ୍ୟ କରି ପ୍ରବଳ ଲାଭ ପାଆନ୍ତି, ଅଧର୍ମକୁ ପ୍ରୋତ୍ସାହିତ କରନ୍ତି, ଇତ୍ୟାଦି । ଗୋଟିଏ ପଟେ ପ୍ରଚୁର ସମ୍ପତ୍ତି ଏବଂ ଅନ୍ୟ ପଟେ ଅତ୍ୟନ୍ତ ଦରିଦ୍ରତା ଓ ଅଭାବ ଦେଖାଯାଏ । ଏସମସ୍ତ ମଧ୍ୟରେ, ଆମେ ବିଶ୍ୱାସୀମାନେ, କାର୍ଯ୍ୟସ୍ଥାନରେ ଯେ କୌଣସି ଭୂମିକା ନିର୍ବାହ କରୁଥିଲେ ମଧ୍ୟ, ମୁକ୍ତିପ୍ରାପ୍ତ ନିୟମର ଲୋକମାନଙ୍କ ପରି ଦୃଢ଼ଶପଥ ନେଇ କାର୍ଯ୍ୟ କରିବା କି ?

## ମୋର ବିଶ୍ୱାସର ଘୋଷଣା :

*ମୁଁ ଯେତେବେଳେ କାର୍ଯ୍ୟସ୍ଥାନକୁ ଯାଏ, ମୁଁ କ୍ରୁଶର ମୁକ୍ତିକାରୀ ଶକ୍ତି ଲାଭ କରେ ଯାହା ମୋର କାର୍ଯ୍ୟ, ମୋର କାର୍ଯ୍ୟସ୍ଥାନ ଓ ମୋର କାର୍ଯ୍ୟ ଜୀବନକୁ ପ୍ରଭାବିତ କରେ । କ୍ରୁଶ ଯୋଗୁଁ ଅଭିଶାପ ଓଲଟପାଲଟ ହୋଇ ଯାଇଛି ଏବଂ ମୋର କାର୍ଯ୍ୟସ୍ଥାନ ଆଶୀର୍ବାଦପ୍ରାପ୍ତ ଅଟେ । କ୍ରୁଶ ଯୋଗୁଁ, ମୁଁ କରୁଥିବା କାର୍ଯ୍ୟରେ ମୁଁ ଫଳପ୍ରସୂତା ଓ ଆନନ୍ଦ ଘୋଷଣା କରୁଛି । କ୍ରୁଶ ଯୋଗୁଁ, ମୁଁ କଣ୍ଟା ଓ ଗୋଖରା ଗଛସବୁକୁ, କାର୍ଯ୍ୟସ୍ଥାନରେ ବିରୋଧ, ପ୍ରତିବନ୍ଧକ କରୁଥିବା ଓ ଯନ୍ତ୍ରଣା ଦେଉଥିବା ବିଷୟସବୁକୁ ରଦ୍ଦ କରୁଛି ଓ ଘୋଷଣା କରୁଛି ଯେ ଈଶ୍ୱରଙ୍କ ଉଦ୍ଦେଶ୍ୟ ହିଁ ସଫଳ ହେବ । କ୍ରୁଶ ଯୋଗୁଁ, କାର୍ଯ୍ୟସ୍ଥାନ ନିମନ୍ତେ ରହିଥିବା ଈଶ୍ୱରଙ୍କ ପରିକଳ୍ପନାକୁ ମୁଁ ପୁନରୁଦ୍ଧାର କରୁଛି ।*

## ଆପଣଙ୍କ କାର୍ଯ୍ୟ ଦିନରେ ଈଶ୍ୱରଙ୍କ ଉପାସନା କରନ୍ତୁ

ଆପଣଙ୍କ ଚାରିପାଖରେ ଥିବା ଲୋକମାନେ, 'ଧନ ଦେବତା' କୁ ନେଇ ମନଧ୍ୟାନ ଦେଉଥିବେ, ଯେ କୌଣସି ଉପାୟରେ ଧନ କମାଇବାରେ ଲାଗିଥିବେ, ଆପଣ କ'ଣ ଦିନ ମଧ୍ୟରେ ଈଶ୍ୱରଙ୍କର ଉପାସନା କରିବାକୁ ଓ ତାଙ୍କର ଉପସ୍ଥିତି ଅନୁଭବ କରିବାକୁ ଚାହିଁବେ ? ଦିନସାରା କାର୍ଯ୍ୟସ୍ଥାନରେ ଈଶ୍ୱରଙ୍କ ଉପସ୍ଥିତି ମଧ୍ୟରେ ରହିବାକୁ ଆପଣ ଚେଷ୍ଟା କରିବେ କି ? ସମସ୍ତ କାର୍ଯ୍ୟ ଦିନରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କରିବେ କି, କାରଣ ଏହାଦ୍ୱାରା ଅନ୍ୟ ସମସ୍ତ ବିଷୟ ମଧ୍ୟ ଆପଣଙ୍କୁ ମିଳିବ (ମାଥିଉ ୬:୩୩) ?

ଏହା କରିବାକୁ ହେଲେ ଆପଣ ସାରାଦିନ ବାରମ୍ବାର ମନେ ମନେ ପ୍ରାର୍ଥନା କରିବାକୁ ହେବ । ଏହାଦ୍ୱାରା ସତେ ଯେପରି ଆପଣ ଟ୍ୱିଟ୍ କରି ସଂକ୍ଷିପ୍ତ ପ୍ରାର୍ଥନା ଦିନସାରା ଈଶ୍ୱରଙ୍କ ନିକଟକୁ ପଠାଉଛନ୍ତି । ଆପଣ କ'ଣ କରୁଛନ୍ତି, କାହାକୁ କଲ୍ କରୁଛନ୍ତି, କେଉଁ ମିଟିଂରେ ଯୋଗ ଦେବାକୁ ଯାଉଛନ୍ତି, ଆପଣ କେଉଁ ପରିକଳ୍ପନା ନେଇ କାର୍ଯ୍ୟକରିବେ, ଆପଣଙ୍କୁ

ଯେଉଁ ବିକ୍ରି ଲକ୍ଷ୍ୟ ଦିଆଯାଇଛି ତାକୁ କିପରି ପୂରଣ କରିବେ, ଆପଣ ଯେଉଁ ଭାଷଣ ଦେବାକୁ ଯାଉଛନ୍ତି... ଇତ୍ୟାଦିକୁ ନେଇ ସଂକ୍ଷେପରେ ପ୍ରାର୍ଥନା କରୁଥାନ୍ତୁ । ଆପଣ ଯେଉଁ କ୍ଷୁଦ୍ର ଆଶୀର୍ବାଦ ଦେଖି ପାରୁଛନ୍ତି, ଯେଉଁ ଉତ୍ତମ ବିଷୟସବୁ ଘଟୁଛି, ଯେଉଁମାନେ ଆପଣଙ୍କ ସଙ୍ଗେ କାର୍ଯ୍ୟ କରୁଛନ୍ତି, ଇତ୍ୟାଦି ନିମନ୍ତେ ତାଙ୍କୁ ଧନ୍ୟବାଦ ଦିଅନ୍ତୁ ।

ତାହାଙ୍କ ବିଷୟରେ ଦିନସାରା ସଚେତନ ରୁହନ୍ତୁ । ଯେଉଁଠି ପାରିବେ ଗୀତ ଗାଆନ୍ତୁ । ନିଜକୁ ନିଜେ କଥା କହନ୍ତୁ ଓ ଗୀତ ଗାଆନ୍ତୁ । *"ସ୍ତୋତ୍ର ଓ ଆଧ୍ୟାତ୍ମିକ ସଂକୀର୍ତ୍ତନ ଦ୍ୱାରା ପରସ୍ପରକୁ ଉତ୍ସାହ ଦିଅ, ପୁଣି ତୁମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସଂକୀର୍ତ୍ତନ ଓ ଗୀତ ଗାନ କର; ସର୍ବଦା ସର୍ବ ବିଷୟ ନିମନ୍ତେ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ"* (ଏଫିସୀୟ ୫:୧୯,୨୦) ।

ଦିନସାରା ଈଶ୍ୱରଙ୍କ ଶାନ୍ତି ଓ ପ୍ରେମରେ ଆଚରଣ କରନ୍ତୁ । ଶାନ୍ତିରେ ଆଚ଼ରଣ କରିବା ଓ ପ୍ରେମରେ ଚାଲିବାର ଅର୍ଥ "ତାହାଙ୍କଠାରେ" ଚାଲିବା, ତାହାଙ୍କ ସାନ୍ନିଧ୍ୟରେ ଚାଲିବା । *"ଯେ ପ୍ରେମରେ ରହେ, ସେ ଈଶ୍ୱରଙ୍କଠାରେ ରହେ ଓ ଈଶ୍ୱର ତାହାଠାରେ ରହନ୍ତି" (୧ଯୋହନ ୪:୧୬) ।*

## ଈଶ୍ୱରଙ୍କ ଉଦ୍ଦେଶ୍ୟରେ କଲାପରି ଉପାସନା ଓ କାର୍ଯ୍ୟ କରନ୍ତୁ

ଆପଣ ଆପଣଙ୍କ କାର୍ଯ୍ୟକୁ ଏକ ବିରକ୍ତିକର ବିଷୟ, ଏକ ଅପରିହାର୍ଯ୍ୟ ଖରାପ ବିଷୟ, ଏକ ବୋଝ, ବା କୌଣସି "ଜାଗତିକ" ବା ଅଧାର୍ମିକ ବିଷୟ ବୋଲି ମନେ ନ କରନ୍ତୁ । ଈଶ୍ୱର କାର୍ଯ୍ୟର ପରିକଳ୍ପନା କରିଛନ୍ତି ଓ ଏହା ଏକ ଉତ୍ତମ ବିଷୟ ଅଟେ । ଈଶ୍ୱର ଆପଣଙ୍କୁ ଯେତେ ସମୟ କୌଣସି କାର୍ଯ୍ୟ କରିବା ଚାହାନ୍ତି ତାହା କରିଚାଲିବା ଦ୍ୱାରା ଆପଣ ତାଙ୍କଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟ କରୁଛନ୍ତି । ଆପଣ ତାଙ୍କର ଇଚ୍ଛା ସାଧନ କରୁଛନ୍ତି । ଆପଣ କରିଥିବା କାର୍ଯ୍ୟ ଓ ଉପାସନା ଈଶ୍ୱରଙ୍କ ଉଦ୍ଦିଷ୍ଟ ଅଟେ । ଯେତେବେଳେ ଆପଣ ଉପାସନା କରନ୍ତି, ସମସ୍ତ ହୃଦୟର ସହିତ କରନ୍ତୁ । ସେହିପରି କାର୍ଯ୍ୟ କଲାବେଳେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ କଲାପରି କରନ୍ତୁ । *"ତୁମ୍ଭେମାନେ ଯାହା କିଛି କର, ପ୍ରଭୁଙ୍କ ନିମନ୍ତେ କଲା ପରି ଅନ୍ତର ସହ ତାହା କର, ମନୁଷ୍ୟ ନିମନ୍ତେ କଲା ପରି କର ନାହିଁ; ପ୍ରଭୁଙ୍କଠାରୁ ଉତ୍ତରାଧିକାରରୂପ ପୁରସ୍କାର ଯେ ପାଇବ, ଏହା ତ ତୁମ୍ଭେମାନେ ଜାଣ । ତୁମ୍ଭେମାନେ ପ୍ରଭୁ ଖ୍ରୀଷ୍ଟଙ୍କର ସେବା କର"* (କଲସୀୟ ୩:୨୩, ୨୪) ।

ଏହା ସତ୍ୟ ଯେ ଅନେକ କାର୍ଯ୍ୟ ଆପଣଙ୍କୁ ଅରୁଚିକର ବୋଧ ହେବ । ଆପଣଙ୍କୁ କେତେକ କାର୍ଯ୍ୟ ଦିଆଯିବ ସେଥିରେ ଆପଣ ପ୍ରଗତି କରିପାରିବେ ନାହିଁ ବୋଲି ମନେ ହେବ । ଆପଣଙ୍କୁ ଏକ ଅନ୍ଧଗଳିର ରାସ୍ତା ଭଳି କାର୍ଯ୍ୟ ଦିଆଯିବ, ଫଳରେ ଆପଣ କିଛି କରିପାରିବେ ନାହିଁ ବୋଲି ମନେ କରିବେ । ଆପଣ ମଧ୍ୟ ଏପରି ଅକୃତଜ୍ଞ କର୍ତ୍ତୃପକ୍ଷଙ୍କୁ ପାଇବେ ଯେଉଁମାନେ ଆପଣ ଯାହା କଲେ ମଧ୍ୟ ସେମାନେ ଆପଣଙ୍କର ପ୍ରଶଂସା କରିବେ ନାହିଁ । ଆପଣଙ୍କର ସର୍ବୋତ୍ତମ କାର୍ଯ୍ୟକୁ ମଧ୍ୟ କେହି ଲକ୍ଷ୍ୟ କରି ନ ପାରନ୍ତି । କାର୍ଯ୍ୟସ୍ଥାନରେ ଆମେ ଏପରି ଅନେକ ପରିସ୍ଥିତିର ସାମ୍ନା କରିବା । କିନ୍ତୁ ଏପରି ସ୍ଥିତିସବୁରେ ଆପଣ ଇଶ୍ୱରଙ୍କ ଆଡ଼କୁ ଦୃଷ୍ଟିପାତ କରନ୍ତୁ, ଏବଂ ଆପଣଙ୍କୁ ଯେଉଁ କାର୍ଯ୍ୟ କରିବାକୁ ଦିଆଯାଇଛି ଆନନ୍ଦ ମନରେ, ଧନ୍ୟବାଦ ହୃଦୟରେ ଇଶ୍ୱରଙ୍କ ଉଦ୍ଦେଶ୍ୟରେ କଲା ପରି କରନ୍ତୁ । *"...ମନୁଷ୍ୟର ସେବା କଲା ପରି ନୁହେଁ, ମାତ୍ର ପ୍ରଭୁଙ୍କ ସେବା କଲା ପରି ସ୍ୱଚ୍ଛନ୍ଦରେ ସେବା କର"* (ଏଫିସୀୟ *୬:୮*) ।

## ଇଶ୍ୱର ଆପଣଙ୍କ କାର୍ଯ୍ୟରେ ଆପଣଙ୍କ ସଙ୍ଗେ ସଙ୍ଗେ ଅଛନ୍ତି

ଆପଣ ଯେତେବେଳେ କାର୍ଯ୍ୟସ୍ଥାନକୁ ଯାଆନ୍ତି, ଆପଣ ଏକାକୀ ଯାଉନାହାନ୍ତି । ଇଶ୍ୱର ମଧ୍ୟ ସେଠାକୁ ଆପଣଙ୍କ ସହିତ ଯାଉଛନ୍ତି । ଆପଣ ସେଠାରେ ତାଙ୍କର ଦାସ ଅଟନ୍ତି (ଏଫିସୀୟ *୬:୬*) । ଇଶ୍ୱର ଆପଣଙ୍କ ସହବର୍ତ୍ତୀ ରହି କାର୍ଯ୍ୟ ସ୍ଥାନରେ ଆପଣଙ୍କୁ ତାହାଙ୍କ ପବିତ୍ର ଆତ୍ମାଙ୍କ ଦ୍ୱାରା ଶକ୍ତିଯୁକ୍ତ କରନ୍ତି, ଅନେକ ବିଷୟ ଶିକ୍ଷା ଦିଅନ୍ତି, ଅନେକ ବିଷୟ ପ୍ରକାଶ କରନ୍ତି, ଆପଣଙ୍କୁ ବୁଦ୍ଧି, ଜ୍ଞାନ, ଦକ୍ଷତା, ପ୍ରକାଶନ, ଅନ୍ତର୍ଦୃଷ୍ଟି, ଇତ୍ୟାଦି ପ୍ରଦାନ କରିଥାନ୍ତି । ସେ ସେଠାରେ ରହି ଆପଣଙ୍କୁ ସାହାଯ୍ୟ କରିଥାନ୍ତି ଯେପରି କି ଆପଣ ପରିକଳ୍ପନା କରିପାରିବେ, ସମସ୍ୟାସବୁର ସମାଧାନ କରିପାରିବେ, ଲୋକମାନଙ୍କ ମଧ୍ୟରେ ଥିବା ବିବାଦର ସମାଧାନ କରିବେ, ଆଗକୁ ରହିଥିବା ରଣକୌଶଳ ବିକଶିତ କରିପାରିବେ, ଇତ୍ୟାଦି । ତେଣୁ ଆପଣଙ୍କ କାର୍ଯ୍ୟସ୍ଥାନରେ, ଆପଣ ତାହାଙ୍କର ନିକଟବର୍ତ୍ତୀ ରହି ତାଙ୍କର ଜ୍ଞାନ ଓ ତାଙ୍କର ସୃଜନାତ୍ମକ ସାମର୍ଥ୍ୟସବୁର ଅନ୍ୱେଷଣ କରିବେ କି, ଯେପରି କି ତାହା ସେ ଆପଣଙ୍କ ଦେଇ ପ୍ରକାଶ କରିବେ ? କାର୍ଯ୍ୟସ୍ଥାନରେ ଆପଣଙ୍କୁ ଯେଉଁ କାର୍ଯ୍ୟ ଦିଆଯାଇଛି ତାହା ସାଧନ କରିବା ସମୟରେ ଆପଣ ନିଜକୁ ଇଶ୍ୱରଙ୍କର ଜଣେ ଅଂଶୀଦାର ଭାବରେ, ତାଙ୍କର ସହକର୍ମୀ ଭାବରେ କାର୍ଯ୍ୟ କରୁଛନ୍ତି ବୋଲି ମନେ କରିବେ କି ?

ଆପଣ ଜଣେ ଚାଷୀ ହୁଅନ୍ତୁ, ଜଣେ ସ୍କୁଲ ଶିକ୍ଷକ ହୁଅନ୍ତୁ, ଜଣେ ବ୍ୟବସାୟୀ ହୁଅନ୍ତୁ ବା ଜଣେ ବିକ୍ରେତା ହୁଅନ୍ତୁ, ବା ଯାହା କିଛି କରନ୍ତୁ, ଈଶ୍ୱର ଚାହାନ୍ତି ଯେ ସେ ଆପଣଙ୍କ ସଙ୍ଗେ ମିଶି କାର୍ଯ୍ୟ କରିବେ ।

## ସାଧାରଣ ଭାବରେ ଆପଣ ଫଳପ୍ରସୂ, ବହୁଗୁଣିତ ଓ ବର୍ଦ୍ଧିଷ୍ଣୁ ହେବେ ବୋଲି ଆଶା କରନ୍ତୁ

ଯେହେତୁ ଆପଣ ଈଶ୍ୱରଙ୍କ ସହିତ ନିୟମରେ ଆବଦ୍ଧ, ଈଶ୍ୱର ଆପଣଙ୍କୁ ଆଶୀର୍ବାଦପ୍ରାପ୍ତ ବୋଲି ଘୋଷଣା କରିଛନ୍ତି । ଏଣୁ ଆପଣ ଫଳପ୍ରସୂ, ବହୁଗୁଣିତ ଓ ବର୍ଦ୍ଧିଷ୍ଣୁ ହେବେ ବୋଲି ଆଶା ରଖନ୍ତୁ । ପୂର୍ବ ଅଧ୍ୟାୟରେ ଆମେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛୁ ।

> ଆପଣଙ୍କ ଭୂମି (କାର୍ଯ୍ୟସ୍ଥାନ) ଆଶୀର୍ବାଦପ୍ରାପ୍ତ ।
> ଆପଣଙ୍କ ହସ୍ତର ସମସ୍ତ କାର୍ଯ୍ୟ ଆଶୀର୍ବାଦପ୍ରାପ୍ତ ।
> ଧନଲାଭ କରିବାକୁ ଈଶ୍ୱର ଆପଣଙ୍କୁ ଶକ୍ତି ଦିଅନ୍ତି ।
> ଗ୍ରାସକାରୀକୁ ଧମକ ଦିଆଯାଇଛି ଓ ସେ ଆପଣଙ୍କ
> ପରିଶ୍ରମର ଫଳକୁ ନଷ୍ଟ କରିପାରିବ ନାହିଁ ।

ଏହାର ଅର୍ଥ ନୁହେଁ ଯେ ଆପଣ କେବେ ଅସଫଳ ହେବେ ନାହିଁ ବା ବାଧାବିଘ୍ନର ସମ୍ମୁଖୀନ ହେବେ ନାହିଁ ବା ନିରାଶ ହେବେ ନାହିଁ । ଏସବୁ ଘଟିବ । ତେବେ, ଏସବୁ ସତ୍ତ୍ୱେ ଆପଣ ସାହସ ଓ ବିଶ୍ୱାସରେ ଉର୍ଦ୍ଧ୍ୱକୁ ଉଠିବେ, କାରଣ ଆପଣ ଜାଣନ୍ତି ଯେ ଆପଣ ଈଶ୍ୱରଙ୍କ ସହିତ ଏକ ନିୟମରେ ଆବଦ୍ଧ, ଓ ଈଶ୍ୱର ତଥାପି ଆପଣଙ୍କର ସପକ୍ଷ । ପରିସ୍ଥିତି ଯାହା ହେଉନା କାହିଁକି, ଆପଣଙ୍କର ଯଥେଷ୍ଟ ସାହସ ଓ ବିଶ୍ୱାସ ରହିଛି ଏବଂ ଆପଣ ଆଶା କରି ଚାଲନ୍ତୁ ଯେ ଈଶ୍ୱର ଆପଣଙ୍କୁ ଫଳପ୍ରସୂତା, ବହୁଗୁଣିତ କରିବା ଓ ବର୍ଦ୍ଧିଷ୍ଣୁ ହେବା ଦିଗରେ ଆଗେଇ ନେବେ । ସେ ଏହା କରିବେ ।

ନିତାନ୍ତ ଦୁଃସମୟରେ ସେ ଆପଣଙ୍କ ଯତ୍ନ ନେବେ ବୋଲି ପ୍ରତିଜ୍ଞା କରିଛନ୍ତି । *"ଦେଖ, ଯେଉଁମାନେ ସଦାପ୍ରଭୁଙ୍କୁ ଭୟ କରନ୍ତି, ତାହାଙ୍କ ଦୟାରେ ଭରସା ରଖନ୍ତି, ସେମାନଙ୍କ ପ୍ରାଣ ମୃତ୍ୟୁରୁ ରକ୍ଷା କରିବା ପାଇଁ ଓ ଦୁର୍ଭିକ୍ଷ ସମୟରେ ସେମାନଙ୍କୁ ବଞ୍ଚାଇବା ପାଇଁ ସେମାନଙ୍କ ଉପରେ ତାହାଙ୍କର ଦୃଷ୍ଟି ଥାଏ"* (ଗୀତସଂହିତା ୩୩:୧୮,୧୯) । *"ସଦାପ୍ରଭୁ*

*ସିଦ୍ଧଲୋକମାନଙ୍କ ଦିନସବୁ ଜାଣନ୍ତି ଓ ସେମାନଙ୍କ ଅଧିକାର ଅନନ୍ତକାଳସ୍ଥାୟୀ ହେବ । ସେମାନେ ବିପଦ ସମୟରେ ଲଜ୍ଜିତ ହେବେ ନାହିଁ, ପୁଣି, ଦୁର୍ଭିକ୍ଷ ସମୟରେ ସେମାନେ ପରିତୃପ୍ତ ହେବେ"* (ଗୀତସଂହିତା ୩୭:୧୮,୧୯) ।

## ଆପଣଙ୍କ କାର୍ଯ୍ୟ ଉପଭୋଗ୍ୟ, ଆନନ୍ଦଜନକ ହେବା ଉଚିତ

ଈଶ୍ୱର ଏପରିଭାବରେ କାର୍ଯ୍ୟକୁ ପରିକଳ୍ପନା କରିଛନ୍ତି ଯେ ଏହାକୁ ଆପଣ ଉପଭୋଗ କରିବା ଉଚିତ । ଈଶ୍ୱରଙ୍କୁ ମାଗନ୍ତୁ ଯେପରି ସେ ଆପଣଙ୍କୁ ଏପରି ଏକ ସ୍ଥାନରେ ରଖନ୍ତି ଯେଉଁଠାରେ ଆପଣ ତାଙ୍କର ପରିକଳ୍ପନା ଅନୁସାରେ କାର୍ଯ୍ୟକୁ ସମ୍ପୂର୍ଣ୍ଣରୂପେ କରିପାରିବେ । ଏହାଦ୍ୱାରା ଆପଣ ଉନ୍ନତି ଲାଭ କରିବେ ଓ କାର୍ଯ୍ୟକୁ ଉପଭୋଗ କରିପାରିବେ । ଆପଣ ଯାହା କରୁଛନ୍ତି ସେଥିରେ ବୃଦ୍ଧିଲାଭ କରନ୍ତୁ । ଈଶ୍ୱର ଯଦି ଚାହାନ୍ତି ତେବେ ନୂତନ ବିଷୟସବୁକୁ ବିକଶିତ କରିବାରେ ଭୟଭୀତ ନ ହୁଅନ୍ତୁ । ତାହାଙ୍କ ଆନନ୍ଦ ହୃଦୟରେ ଧାରଣ କରି କାର୍ଯ୍ୟସ୍ଥାନକୁ ଯାଆନ୍ତୁ । ଯାହା କରୁଛନ୍ତି ତାକୁ ଉପଭୋଗ କରନ୍ତୁ । କାର୍ଯ୍ୟସ୍ଥାନରେ ତାହାଙ୍କ ଉତ୍ତମତାକୁ ପାଳନ କରନ୍ତୁ ।

ଆପଣ ଯଦି ଆପଣଙ୍କ କାର୍ଯ୍ୟରେ ଅସନ୍ତୋଷ, ବିରକ୍ତି, ଅଶାନ୍ତି, ଇତ୍ୟାଦି ଅନୁଭବ କରନ୍ତି, ତେବେ ସମୟ ଦେଇ ଈଶ୍ୱରଙ୍କୁ ଏହା ଜଣାନ୍ତୁ । ବେଳେବେଳେ ଆମେମାନେ ମଧ୍ୟ କିଛିଟା ଖାପ ଖୁଆଇ ଚଳିବାକୁ ଆବଶ୍ୟକ ହୋଇଥାଏ ଅର୍ଥାତ୍ ଆମର କାର୍ଯ୍ୟପ୍ରତି ଆମ ହୃଦୟର ପରିବର୍ତ୍ତନ ଆବଶ୍ୟକ । ଈଶ୍ୱରଙ୍କ ନିର୍ଦ୍ଦେଶ ଖୋଜନ୍ତୁ ଓ ତାହାଙ୍କ ସଙ୍ଗେ ଚାଲନ୍ତୁ । ଆନନ୍ଦଜନକ ସ୍ଥାନରେ ରହନ୍ତୁ ।

# ଯେଉଁ ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ତାହାଙ୍କୁ ଆପଣ ଜାଣନ୍ତି କି ?

୨୦୦୦ ବର୍ଷ ତଳେ ଈଶ୍ୱର ମନୁଷ୍ୟ ରୂପରେ ଜନ୍ମ ନେଇ ଜଗତକୁ ଆସିଥିଲେ । ସେ ଯୀଶୁ ନାମରେ ଖ୍ୟାତ ହୋଇଥିଲେ । ସେ ଏକ ସିଦ୍ଧ ପାପଶୂନ୍ୟ ଜୀବନ କାଟିଥିଲେ । ସେ ରକ୍ତମାଂସ ବିଶିଷ୍ଟ ଈଶ୍ୱର ହୋଇଥିବାରୁ ତାଙ୍କର ପ୍ରତ୍ୟେକ ବାକ୍ୟ ଓ କର୍ମ ଦ୍ୱାରା ସେ ଈଶ୍ୱରଙ୍କୁ ଆମ ନିକଟରେ ପ୍ରକାଶ କଲେ । ସେ ଯାହା କହିଲେ ତାହା ଈଶ୍ୱରଙ୍କ ବାକ୍ୟ ଥିଲା । ସେ ଯାହା କଲେ ତାହା ଈଶ୍ୱରଙ୍କ କାର୍ଯ୍ୟ ଥିଲା । ସେ ଜଗତରେ ଅନେକ ଆଶ୍ଚର୍ଯ୍ୟ କର୍ମ ସାଧନ କରିଥିଲେ । ସେ ରୋଗୀ ଓ ଦୁଃଖ ଭୋଗ କରୁଥିବା ଲୋକମାନଙ୍କୁ ସୁସ୍ଥ କଲେ । ସେ ଅନ୍ଧମାନଙ୍କୁ ସୁସ୍ଥ କଲେ, ବଧିରମାନଙ୍କର କର୍ଣ୍ଣ ଖୋଲିଲେ, ପଙ୍ଗୁମାନଙ୍କୁ ଚାଲିବାର ଶକ୍ତି ଦେଲେ ଓ ସବୁପ୍ରକାର ରୋଗକୁ ସୁସ୍ଥ କଲେ । ସେ ଅଳ୍ପ କେତୋଟି ରୋଟୀ ଓ ମାଛକୁ ବହୁଗୁଣିତ କରି ହଜାର ହଜାର ଲୋକମାନଙ୍କୁ ଆଶ୍ଚର୍ଯ୍ୟଭାବରେ ଖୁଆଇ ପରିତୃପ୍ତ କଲେ, ଝଡ଼ ବତାସକୁ ଆଜ୍ଞା ଦେଇ ସେ ଶାନ୍ତ କଲେ, ଏପରି ସେ ଅସଂଖ୍ୟ ଆଶ୍ଚର୍ଯ୍ୟକର୍ମ କଲେ ।

**ଏହି ସମସ୍ତ ବିଷୟ ପ୍ରକାଶ କଲେ ଯେ ଈଶ୍ୱର ମଙ୍ଗଳମୟ ଓ ସେ ଚାହାନ୍ତି ଯେପରି ସମସ୍ତେ ସୁଖଶାନ୍ତି ଓ ଆନନ୍ଦରେ ରୁହନ୍ତୁ, ସବଳ ସୁସ୍ଥ ରୁହନ୍ତୁ । ସେ ଆମମାନଙ୍କର ସମସ୍ତ ଅଭାବ ଓ ଆବଶ୍ୟକତାକୁ ପୂରଣ କରନ୍ତି ।**

ତେବେ ଈଶ୍ୱର କାହିଁକି ମାନବ ରୂପରେ ଜଗତକୁ ଆସିବାକୁ ଚାହିଁଲେ ? ଯୀଶୁ କାହିଁକି ଜଗତକୁ ଆସିଥିଲେ ?

ଆମେମାନେ ସମସ୍ତେ ପାପ କରିଛୁ ଓ ଆମର ସୃଷ୍ଟିକର୍ତ୍ତା ଈଶ୍ୱର ଆମଠାରୁ ଯାହା ଚାହାନ୍ତି ନାହିଁ ତାହା କରି ଚାଲିଛୁ । ପାପ ଈଶ୍ୱରଙ୍କଠାରୁ ଆମକୁ ବିଚ୍ଛିନ୍ନ କରି ରଖିଥିବା ଏକ ବିରାଟ ଅଭେଦ୍ୟ ପ୍ରାଚୀର ସଦୃଶ୍ୟ । ପାପ ଆମକୁ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ କରି ଦେଇଥାଏ । ଯିଏ ଆମକୁ ସୃଷ୍ଟି କରିଛନ୍ତି ତାହାଙ୍କୁ ଜାଣିବା ଓ ତାହାଙ୍କ ସଙ୍ଗେ ଯଥାର୍ଥ ଓ ଅର୍ଥପୂର୍ଣ୍ଣ ସମ୍ପର୍କ ରକ୍ଷା କରିବାରେ ଏହା ଅନ୍ତରାୟ ସୃଷ୍ଟି କରିଥାଏ । ଏଣୁ ଆମେ ଅନ୍ୟ କୌଣସି ବିଷୟ ଦ୍ୱାରା ଏହି ଶୂନ୍ୟସ୍ଥାନକୁ ପୂରଣ କରିବାକୁ ଚେଷ୍ଟା କରିଥାଉ ।

ପାପ ଆମକୁ ଈଶ୍ୱରଙ୍କଠାରୁ ଅନନ୍ତକାଳ ପାଇଁ ବିଚ୍ଛିନ୍ନ କରିଦେଇଥାଏ । ଈଶ୍ୱରଙ୍କ ଦରବାରରେ ପାପର ଦଣ୍ଡ ମୃତ୍ୟୁ । ମୃତ୍ୟୁ କହିଲେ ଈଶ୍ୱରଙ୍କଠାରୁ ଅନନ୍ତକାଳ ନିମନ୍ତେ ବିଚ୍ଛିନ୍ନ ହୋଇ ନରକାଗ୍ନିରେ ଦଣ୍ଡ ଭୋଗିବା ।

କିନ୍ତୁ ଆପଣଙ୍କ ନିମନ୍ତେ ଶୁଭ ଖବର ରହିଛି । ଆପଣ ପାପରୁ ମୁକ୍ତି ପାଇ ପାରିବେ ଓ ଈଶ୍ୱରଙ୍କ ସଙ୍ଗେ ମିଳିତ ହୋଇପାରିବେ । ବାଇବଲ କହେ, *"ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ" (ରୋମୀ ୬:୨୩) ।* ଯୀଶୁ କ୍ରୁଶରେ ମୃତ୍ୟୁବରଣ କରି ସମସ୍ତ ମାନବ ସମାଜର ପାପର ମୂଲ୍ୟକୁ ପରିଶୋଧ କରିଦେଇଛନ୍ତି । ସେ ତୃତୀୟ ଦିବସରେ ପୁନରୁତ୍‌ଥିତ ହେଲେ, ଅନେକଙ୍କ ନିକଟରେ ନିଜେ ଜୀବିତ ଥିବା ପ୍ରମାଣ ଦେଖାଇଲେ ଓ ସ୍ୱର୍ଗାରୋହଣ କଲେ ।

ଈଶ୍ୱର ପ୍ରେମମୟ ଓ କରୁଣାମୟ । କେହି ଯେ ନରକଗାମୀ ହେଉ ଏହା ସେ କଦାପି ଚାହାନ୍ତି ନାହିଁ । ଏଣୁ ସେ ସମସ୍ତ ମାନବଜାତିକୁ ପାପରୁ ଓ ପାପର ଦଣ୍ଡରୁ ମୁକ୍ତ କରିବା ନିମନ୍ତେ ଏକ ପଥ ପ୍ରସ୍ତୁତ କରିବା ପାଇଁ ଏହି ଜଗତକୁ ଆସିଥିଲେ । ସେ ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ଆସିଥିଲେ, ଆପଣ ଓ ମୋ ଭଳି ଲୋକମାନଙ୍କୁ ପାପ ଓ ଅନନ୍ତ ମୃତ୍ୟୁରୁ ରକ୍ଷା କରିବା ପାଇଁ ସେ ଆସିଥିଲେ ।

ବିନା ମୂଲ୍ୟରେ ପାପକ୍ଷମା ପାଇବାକୁ ହେଲେ ଆପଣଙ୍କୁ ଗୋଟିଏ ବିଷୟ କରିବାକୁ ହେବ - କ୍ରୁଶ ଉପରେ ପ୍ରଭୁ ଯୀଶୁ ଯାହା ସାଧନ କରିଅଛନ୍ତି ତାହା ଗ୍ରହଣ କରିବାକୁ ହେବ ଓ ସମସ୍ତ ହୃଦୟର ସହିତ ତାଙ୍କୁ ବିଶ୍ୱାସ କରିବାକୁ ହେବ ।

*"ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ପାପକ୍ଷମା ପାଇବ" (ପ୍ରେରିତ ୧୦:୪୩) ।*

*"ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ" (ରୋମୀ ୧୦:୯) ।*

ଯଦି ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବେ ଆପଣ ମଧ୍ୟ ପାପ କ୍ଷମା ପାଇପାରିବେ ଓ ଆପଣାର ସମସ୍ତ ପାପରୁ ପରିଷ୍କୃତ ହୋଇପାରିବେ ।

ନିମ୍ନରେ ଏକ ସରଳ ପ୍ରାର୍ଥନା ଦିଆଯାଇଛି । ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ଓ ସେ କ୍ରୁଶ ଉପରେ ଆପଣଙ୍କ ନିମନ୍ତେ କ'ଣ ସାଧନ କରିଛନ୍ତି ତାହା ବିଶ୍ୱାସ କରି ଜୀବନରେ ଏକ ନିଷ୍ପତ୍ତି ନେବା ପାଇଁ ଏବଂ ଆପଣଙ୍କ ପାପସବୁରୁ କ୍ଷମା ପାଇବା ପାଇଁ ଓ ସେଥିରୁ ପରିଷ୍କୃତ ହେବା ପାଇଁ ଏହି ପ୍ରାର୍ଥନା ଆପଣଙ୍କୁ ସାହାଯ୍ୟ କରିବ । ଏହି ପ୍ରାର୍ଥନା ଏକ ନମୁନା ମାତ୍ର । ଆପଣ ନିଜ ଭାଷାରେ ମଧ୍ୟ ପ୍ରାର୍ଥନା କରିପାରିବେ ।

*ପ୍ରିୟ ପ୍ରଭୁ ଯୀଶୁ, ତୁମେ କ୍ରୁଶ ଉପରେ ମୋ ନିମନ୍ତେ ଯାହା ସାଧନ କରିଛ ଆଜି ମୁଁ ତାହା ବୁଝି ପାରିଛି । ମୁଁ ଯେପରି ପାପରୁ କ୍ଷମା ପାଇବି ଏଥିପାଇଁ ତୁମେ ମୋ ପାଇଁ କ୍ରୁଶରେ ପ୍ରାଣ ଦେଲ, ତୁମର ଅମୂଲ୍ୟ ରକ୍ତକୁ ବୁହାଇ ମୋର ପାପର ମୂଲ୍ୟକୁ ପରିଶୋଧ କଲ । ବାଇବଲ କହେ ଯେ କେହି ତୁମଠାରେ ବିଶ୍ୱାସ କରେ ସେ ତା'ର ପାପସବୁରୁ କ୍ଷମା ପାଇବ ।*

*ମୁଁ ତୁମଠାରେ ବିଶ୍ୱାସ କରିବାକୁ ଏବଂ ମୋ ନିମନ୍ତେ କ୍ରୁଶୀୟ ମୃତ୍ୟୁଭୋଗ କରି ଓ ପୁନରୁତ୍‌ଥିତ ହୋଇ ମୋ ନିମନ୍ତେ ତୁମେ ଯାହା ସାଧନ କରିଛ ତାହା ଗ୍ରହଣ କରିବାକୁ ଆଜି ମୁଁ ନିଷ୍ପତ୍ତି ନେଉଛି । ମୁଁ ଜାଣେ କୌଣସି ସତ୍କର୍ମ କରି ମୁଁ ନିଜକୁ ନିଜେ ଉଦ୍ଧାର କରିପାରିବି ନାହିଁ କି ଅନ୍ୟ କୌଣସି ବ୍ୟକ୍ତି ମଧ୍ୟ ମୋତେ ଉଦ୍ଧାର କରିପାରିବ ନାହିଁ । ମୁଁ କେବେ ମୋର ପାପସବୁରୁ କ୍ଷମା ପାଇପାରିବି ନାହିଁ ଓ ଏଥିନିମନ୍ତେ କିଛି କରିପାରିବି ନାହିଁ ।*

*ଆଜି ମୁଁ ମୋର ହୃଦୟରେ ବିଶ୍ୱାସ କରୁଛି ଓ ମୋ ମୁଖରେ ସ୍ୱୀକାର କରୁଛି ଯେ ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କରିଅଛ । ତୁମେ ମୋର ପାପର ଦଣ୍ଡକୁ ପରିଶୋଧ କରିଦେଇଛ । ତୁମେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଛ ଓ ତୁମଠାରେ ବିଶ୍ୱାସ କରି ମୁଁ ପାପ କ୍ଷମା ପାଇଛି ଓ ମୋର ପାପସବୁରୁ ପରିଷ୍କୃତ ହୋଇଛି ।*

*ଧନ୍ୟବାଦ ଯୀଶୁ, ତୁମକୁ ପ୍ରେମ କରିବାକୁ ଓ ତୁମକୁ ଅଧିକରୁ ଅଧିକ ଜାଣିବାକୁ ଓ ତୁମଠାରେ ବିଶ୍ୱସ୍ତ ରହିବାକୁ ମୋତେ ସାହାଯ୍ୟ କର । ଆମେନ୍ ।*

# ଅଲ୍ ପିପୁଲ୍ସ ଚର୍ଚ୍ଚ୍‌କୁ ଜାଣନ୍ତୁ

ଏହି ମଣ୍ଡଳୀ ବାଙ୍ଗାଲୁରୁରେ ଅବସ୍ଥିତ । ଏହି ନଗରରେ ଲବଣ ଓ ଆଲୋକ ସ୍ୱରୂପ ହେବା ତଥା ଭାରତ ଓ ଅନ୍ୟାନ୍ୟ ରାଷ୍ଟ୍ର ନିକଟରେ ଏକ ସ୍ୱର ପରି କାର୍ଯ୍ୟ କରିବା ଆମର ଦର୍ଶନ ଅଟେ ।

ଈଶ୍ୱରଙ୍କ ବାକ୍ୟକୁ ସମ୍ପୂର୍ଣ୍ଣରୂପେ, ସାଲିସ୍ ନକରି, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ପ୍ରଦର୍ଶନ ଦ୍ୱାରା ଉପସ୍ଥାପିତ କରିବା ପାଇଁ ଆମେ ବଚନବଦ୍ଧ । ଆମେ ବିଶ୍ୱାସ କରୁ ଯେ ଉତ୍ତମ ସଙ୍ଗୀତ, ସୃଜନଶୀଳ ଉପସ୍ଥାପନା, ଜ୍ଞାନଯୁକ୍ତ ତର୍କ, ସମସାମୟିକ ସେବାକାର୍ଯ୍ୟ କୌଶଳ, ସାମ୍ପ୍ରତିକ ବୈଷୟିକ କୌଶଳ ଇତ୍ୟାଦି ଦ୍ୱାରା ବାକ୍ୟ ପ୍ରଚାର କଲେ ମଧ୍ୟ ତାହା ଈଶ୍ୱରଙ୍କ ଅନୁମୋଦିତ ବାକ୍ୟ ପ୍ରଚାରର ସ୍ଥାନ ନେଇ ନପାରେ ଅର୍ଥାତ୍ ପବିତ୍ର ଆତ୍ମାଙ୍କ ଶକ୍ତିରେ ଅନୁବର୍ତ୍ତୀ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମ ଓ ଆତ୍ମାଙ୍କ ଦାନ ସହ ବାକ୍ୟ ପ୍ରଚାରିତ ହେବା ଉଚିତ (୧ କରିନ୍ଥୀ ୨:୪,୫; ଏବ୍ରୀ ୨: ୩, ୪) । ଆମମାନଙ୍କ ପ୍ରସଙ୍ଗ ଯୀଶୁ, ଆମମାନଙ୍କ ବିଷୟବସ୍ତୁର ଆଧାର ଈଶ୍ୱରଙ୍କ ବାକ୍ୟ, ଆମମାନଙ୍କ ପ୍ରଣାଳୀ ପବିତ୍ର ଆତ୍ମାଙ୍କ ଶକ୍ତି, ଆମମାନଙ୍କ ଅନୁରାଗ ଜନତା ଓ ଏବଂ ଆମମାନଙ୍କ ଲକ୍ଷ୍ୟ ଖ୍ରୀଷ୍ଟଙ୍କ ସଦୃଶ ସିଦ୍ଧିଲାଭ ।

ବାଙ୍ଗାଲୁରୁରେ ଆମର ମୁଖ୍ୟ କେନ୍ଦ୍ର ଏବଂ ଭାରତର ବିଭିନ୍ନ ସ୍ଥାନରେ ଅଲ୍ ପିପୁଲ୍ସ ଚର୍ଚ୍ଚର ମଣ୍ଡଳୀଗୁଡ଼ିକ ରହିଛି । ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ବିଭିନ୍ନ ସ୍ଥାନର ଯୋଗାଯୋଗ ଠିକଣା ପାଇବା ପାଇଁ ଆମର ୱେବ୍‌ସାଇଟ୍ **www.apcwo.org/locations** କୁ ପରିଦର୍ଶନ କରନ୍ତୁ କିଅବା ଆମ ନିକଟକୁ contact@apcwo.org ଠିକଣାରେ ଇମେଲ୍ କରନ୍ତୁ ।

# ଅଲ୍ ପିପୁଲ୍ସ ଚର୍ଚ୍ଚର ଅଂଶୀଦାର ହୁଅନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ଏକ ସ୍ଥାନୀୟ ମଣ୍ଡଳୀ ହେଲେ ହେଁ ଏହାର ସେବାକାର୍ଯ୍ୟର ପରିସର ସାରା ଭାରତରେ, ବିଶେଷ କରି ଉତ୍ତର ଭାରତରେ ପରିବ୍ୟାପ୍ତ ଏବଂ ଏହା ବିଶେଷ ଧ୍ୟାନ ଦେଇଥାଏ (କ) ନେତୃବର୍ଗଙ୍କୁ ବଳିଷ୍ଠ କରିବା (ଖ) ସେବାକାର୍ଯ୍ୟ ନିମନ୍ତେ ଯୁବାମାନଙ୍କୁ ସୁସଜ୍ଜିତ କରିବା ଏବଂ (ଗ) ଖ୍ରୀଷ୍ଟଙ୍କ ଶରୀରକୁ ଗଢ଼ି ତୋଳିବା ପାଇଁ । ବର୍ଷସାରା ଯୁବାମାନଙ୍କ ପାଇଁ ଅନେକ ତାଲିମ୍ ସେମିନାର୍ ଓ ଖ୍ରୀଷ୍ଟୀୟ ନେତୃତ୍ୱ ସଭାମାନ ଅନୁଷ୍ଠିତ ହୋଇଥାଏ । ଏହା ବ୍ୟତୀତ ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ଆମ ଦ୍ୱାରା ପ୍ରକାଶିତ ପୁସ୍ତକମାନ ହଜାର ହଜାର ସଂଖ୍ୟାରେ ମାଗଣାରେ ବଣ୍ଟନ କରାଯାଇଥାଏ । ବିଶ୍ୱାସୀମାନଙ୍କୁ ବାକ୍ୟ ଓ ଆତ୍ମାରେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଏହା କରାଯାଇଥାଏ ।

ଆମମାନଙ୍କ ସଙ୍ଗେ ଆର୍ଥିକ କ୍ଷେତ୍ରରେ ଅଂଶୀଦାର ହେବା ପାଇଁ ଆପଣଙ୍କୁ ଆମେ ସାଦର ନିମନ୍ତ୍ରଣ ଜଣାଉ । ଏଥିନିମନ୍ତେ ଆପଣ ଆମ ନିକଟକୁ ଏକକାଳୀନ ବା ମାସିକ ଆର୍ଥିକ ଦାନ ପଠାଇ ପାରିବେ । ଆମ ଦେଶରେ ସେବାକାର୍ଯ୍ୟ କରିବାକୁ ଆପଣ ଯାହା କିଛି ଦାନ ପଠାଇବେ ତାକୁ ସାଦରେ ଗ୍ରହଣ କରାଯିବ ।

ଆପଣଙ୍କ ଦାନ ଚେକ୍ ବା ଡ୍ରାଫ୍ଟ ଆକାରରେ "All Peoples Church, Bangalore" ନାମରେ ଅଫିସ୍ ଠିକଣାରେ ଆମ ନିକଟକୁ ପଠାଇ ପାରନ୍ତି । ବ୍ୟାଙ୍କ୍ ଟ୍ରାନ୍ସଫର୍ ଜରିଆରେ ମଧ୍ୟ ଆପଣଙ୍କ ଦାନ ପଠାଇ ପାରିବେ । ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା –

Account Name : All Peoples Church

Account Number : 0057213809

IFSC Code : CITI0000004

Bank : Citibank N.A., No.-5, M.G. Road, Bengaluru, Karnataka-560001

*ବି.ଦ୍ର. : ଅଲ୍ ପିପୁଲ୍ସ ଚର୍ଚ୍ଚ ଭାରତରେ ଥିବା ବ୍ୟାଙ୍କ୍ ଗୁଡ଼ିକ ମାଧ୍ୟମରେ ଦାନ ଗ୍ରହଣ କରିଥାଏ । ଦାନ ପଠାଇବା ବେଳେ ଏହାର ଉଦ୍ଦେଶ୍ୟକୁ ଅର୍ଥାତ୍ APC ର କେଉଁ ସେବାକାର୍ଯ୍ୟରେ ଏହା ବ୍ୟବହୃତ ହେବ ତାହା ଆପଣ ଲେଖି ପାରନ୍ତି । ଅଧିକ ଜାଣିବା ନିମନ୍ତେ apcwo.org/give ପରିଦର୍ଶନ କରନ୍ତୁ । ଆମମାନଙ୍କ ନିମନ୍ତେ ଓ ଆମ ସେବା କାର୍ଯ୍ୟ ନିମନ୍ତେ ଦୟାକରି ପ୍ରାର୍ଥନା କରନ୍ତୁ ।*

ଧନ୍ୟବାଦ, ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

# ଅଲ୍ ପିପୁଲ୍ସ୍ ଚର୍ଚ୍ଚ ଦ୍ୱାରା ପ୍ରକାଶିତ ପୁସ୍ତକସମୂହ

A Church in Revival
A Real Place Called Heaven*
A Time for Every Purpose*
Ancient Landmarks
Baptism in the Holy Spirit*
Being Spiritually Minded and Earthly Wise
Biblical Attitude Towards Work*
Breaking Personal and Generational Bondages*
Change
Code of Honor
Divine Favor
Divine Order in the Citywide Church
Don't Compromise Your Calling*
Don't Lose Hope*
Equipping the Saints*
Foundations (Track 1)
Fulfilling God's Purpose for Your Life*
Giving Birth to the Purposes of God
God Is a Good God*
God's Word-The Miracle Seed*
How to Help Your Pastor
Integrity
Kingdom Builders*
Laying the Axe to the Root
Living Life Without Strife*
Marriage and Family
Ministering Healing and Deliverance
Offenses-Don't Take Them*
Open Heavens*
Our Redemption*
Receiving God's Guidance
Revivals, Visitations and Moves of God
Shhh! No Gossip!*
Speak Your Faith
The Conquest of the Mind*
The Father's Love
The House of God
The Kingdom of God
The Mighty Name of Jesus
The Night Seasons of Life
The Power of Commitment
The Presence of God
The Redemptive Heart of God*
The Refiner's Fire
The Spirit of Wisdom, Revelation and Power
The Wonderful Benefits of speaking in Tongues*
Timeless Principles for the Workplace
Understanding the Prophetic
Water Baptism*
We Are Different*
Who We Are in Christ?*
Women in the Workplace
Work Its Original Design*

ଉପରୋକ୍ତ ସମସ୍ତ ପୁସ୍ତକ ଆମ ମଣ୍ଡଳୀର ୱେବ୍‌ସାଇଟ୍ **apcwo.org/books**ରୁ ମାଗଣାରେ ଡ଼ାଉନ୍‌ଲୋଡ଼୍ କରିପାରିବେ । ଅନୁବାଦିତ ଓଡ଼ିଆ ପୁସ୍ତକଗୁଡ଼ିକ ମୂଳ ଇଂରାଜୀ ପୁସ୍ତକ ନିକଟରେ * ଚିହ୍ନ ସହିତ ସୂଚିତ ହୋଇଛି । ଅନ୍ୟାନ୍ୟ ଭାଷାରେ ଅନୁବାଦିତ ପୁସ୍ତକଗୁଡ଼ିକ ମଧ୍ୟ ଉପଲବ୍ଧ । ମାଗଣାରେ ଉପଲବ୍ଧ ଇଂରାଜୀପୁସ୍ତକଗୁଡ଼ିକ ପାଇବା ପାଇଁ ଆମର ଇମେଲ୍ ଠିକଣା **bookrequest@apcwo.org**କୁ ଇମେଲ୍ ପଠାନ୍ତୁ । * ଚିହ୍ନିତ ଓଡ଼ିଆ ପୁସ୍ତକଗୁଡ଼ିକ PDF ଆକାରରେ ମିଳେ ।

ଆମ ମଣ୍ଡଳୀର ୱେବ୍‌ସାଇଟ୍‌ରୁ ମାଗଣାରେ ଅଡ଼ିଓ ଓ ଭିଡ଼ିଓ ଉପଦେଶ, ଉପଦେଶ ଟିପ୍ପଣୀସବୁ (apcwo.org/sermons) ଏବଂ ଅନ୍ୟାନ୍ୟ ଉପାଦେୟ ଓ ଉପଯୋଗୀ ବିଷୟ ପାଇପାରିବେ ।

# ଏକ ସପ୍ତାହାନ୍ତ ସ୍କୁଲ୍‌ରେ ଯୋଗ ଦିଅନ୍ତୁ

ପ୍ରତି ସପ୍ତାହରେ ବାଙ୍ଗାଲୁରୁଠାରେ ବିଶ୍ୱାସୀମାନଙ୍କୁ ତାଲିମ୍ ଦେଇ ଜୀବନ ଓ ସେବାକାର୍ଯ୍ୟ ନିମନ୍ତେ ସୁସଜ୍ଜିତ କରିବା ପାଇଁ Weekend Schools ଆୟୋଜିତ ହୋଇଥାଏ । ଶନିବାର ଦିନ ସକାଳ ୯:୦୦ଘ ରୁ ସନ୍ଧ୍ୟା ୬:୦୦ଘ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହୁଏ । ଏହା ସମସ୍ତ ମଣ୍ଡଳୀ ଓ ସମ୍ପ୍ରଦାୟର ବିଶ୍ୱାସୀମାନଙ୍କ ନିମନ୍ତେ ଉନ୍ମୁକ୍ତ, ଯଦି ସେମାନେ ତାଲିମ୍ ନେଇ ସଜ୍ଜିତ ହେବାକୁ ଚାହାନ୍ତି । ବର୍ତ୍ତମାନ ଅନୁଷ୍ଠିତ ହେଉଥିବା Weekend Schoolsରେ ନିମ୍ନ ପ୍ରସଙ୍ଗମାନ ଆଲୋଚିତ ହୋଇଥାଏ ।

ଭାବବାଣୀୟ ସେବାକାର୍ଯ୍ୟ (Prophetic Ministry)
ସୁସ୍ଥତା ଓ ଉଦ୍ଧାରକାର୍ଯ୍ୟ (Healing & Deliverance)
ଆତ୍ମାଙ୍କ ଦାନସକଳ (Gifts of the Spirit)
ପ୍ରାର୍ଥନା ଓ ନିବେଦନ (Prayer & Intercession)
ଅନ୍ତରସ୍ଥ ସମ୍ପୂର୍ଣ୍ଣତା (Inner Wholeness)
ଜୀବନଶୈଳୀ ସୁସମାଚାର (Lifestyle Evangelism)
ଈଶ୍ୱରଙ୍କ କାର୍ଯ୍ୟ (God at Work)
ସହରାଞ୍ଚଳ ମିଶନ୍ ଓ ମଣ୍ଡଳୀରୋପଣ (Urban Mission and Church Planting)
ଖ୍ରୀଷ୍ଟୀୟ ଆପୋଲୋଜେଟିକ୍ସ (Christian Apologetics)

ଅଧିକ ଜାଣିବା ପାଇଁ ଓ ନାମ ପଞ୍ଜିକରଣ କରିବା ପାଇଁ ଆମର ୱେବ୍‌ସାଇଟ୍ **apcwo.org/weekendschool** ପରିଦର୍ଶନ କରନ୍ତୁ ।

# ଖ୍ରୀଷ୍ଟୀୟ ନେତୃତ୍ୱ ଶିବିର୍ ଆୟୋଜନ କରନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ପାଳକ, ସ୍ଥାନୀୟ ମଣ୍ଡଳୀର ନେତା, ଖ୍ରୀଷ୍ଟୀୟ ସଂଗଠନର ନେତା ଓ ଖ୍ରୀଷ୍ଟୀୟ ସେବାକାର୍ଯ୍ୟରେ ସଂଶ୍ଳିଷ୍ଟ ଅନ୍ୟମାନଙ୍କୁ ଆତ୍ମାରେ ଅଭିଷିକ୍ତ ସୁସଜ୍ଜିତକରଣ ଓ ତାଲିମ୍ ପ୍ରଦାନ କରିଥାଏ । ଅଭିଷିକ୍ତ ପ୍ରଭୁଙ୍କ ଦାସମାନଙ୍କ ଦ୍ୱାରା ଶିକ୍ଷାପ୍ରଦାନ ସଙ୍ଗେ ସଙ୍ଗେ ଆତ୍ମାରେ ଚାଳିତ ସେବାକାର୍ଯ୍ୟ ଓ ତାଲିମ୍ ପ୍ରଦାନ କରାଯାଏ । ଆମର ଦଳସବୁ ଅଂଶଗ୍ରହଣକାରୀମାନଙ୍କ ସଙ୍ଗେ ବ୍ୟକ୍ତିଗତରୂପେ ଭାବର ଆଦାନ ପ୍ରଦାନ ଓ ଆଲୋଚନା କରିଥାନ୍ତି । ଏହି ନେତୃତ୍ୱ ଶିବିର ୨/୩ ଦିନ ଧରି ଚାଲିଥାଏ ଓ ନିର୍ଦ୍ଦିଷ୍ଟ ଏକ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥାଏ । ଅଂଶଗ୍ରହଣକାରୀମାନେ ନୂତନୀକୃତ, ଶକ୍ତିଯୁକ୍ତ, ଏବଂ ଅଧିକ ଫଳପ୍ରଦ ଓ ପ୍ରଭାବଶାଳୀ ସେବାକାର୍ଯ୍ୟ କରିବାକୁ ସୁସଜ୍ଜିତ ହୋଇ ବାହାରି ଯାଇଥାନ୍ତି । ଖ୍ରୀଷ୍ଟୀୟ ନେତୃତ୍ୱ ଶିବିର ବିଭିନ୍ନ ସ୍ଥାନୀୟ ମଣ୍ଡଳୀ, ଏକ ଖ୍ରୀଷ୍ଟୀୟ ସେବାକାର୍ଯ୍ୟ, ମିଶନ୍ ସଂଗଠନ ବା ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ମଣ୍ଡଳୀସବୁର ଓ ସେମାନଙ୍କ ପାଳକମାନଙ୍କର ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ହୋଇଥାଏ । ଆୟୋଜକ ସଂଗଠନ ଅଂଶଗ୍ରହଣକାରୀମାନଙ୍କୁ ଆମନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ଶିବିରର ସମସ୍ତ ଖର୍ଚ୍ଚ ବହନ କରିବେ । ଅଲ୍ ପିପୁଲ୍ସ ଚର୍ଚ୍ଚ ଏହାର ସେବାକାର୍ଯ୍ୟ ଦଳକୁ ସେଠାକୁ ପଠାଇ ଶିବିର ପରିଚାଳନା କରିବେ ।

ପ୍ରାୟଶଃ ଆମେ ନିମ୍ନ ପ୍ରସଙ୍ଗଗୁଡ଼ିକୁ ନେଇ ଆଲୋଚନା କରିଥାଉ–

- **ଉଦ୍ଦୀପନା, ପରିଦର୍ଶନ ଓ ଈଶ୍ୱରଙ୍କ ଚଳପ୍ରଚଳ**
- **ଉପସ୍ଥିତି ଓ ଗୌରବ**
- **ରାଜ୍ୟନିର୍ମାଣକାରୀମାନେ (ଈଶ୍ୱରଙ୍କ ରାଜ୍ୟ ଓ ଏହାର ନିର୍ମାଣକାର୍ଯ୍ୟ)**
- **ସମତଳ ଭୂମି**
- **ଈଶ୍ୱରଙ୍କ ଗୃହ**
- **ପ୍ରେରିତିକ ଓ ଭାବବାଣୀୟ ସେବାକାର୍ଯ୍ୟ**
- **ସୁସ୍ଥତା ଓ ଉଦ୍ଧାର ସେବାକାର୍ଯ୍ୟ**
- **ଆତ୍ମାଙ୍କ ଦାନସକଳ**
- **ବିବାହ ଓ ପରିବାର**
- **ସାଧୁମାନଙ୍କୁ ସୁସଜ୍ଜିତ କରିବା ଓ ହାଟପଦାକୁ ପରିବର୍ତ୍ତନ କରିବା**


ଏସମ୍ପର୍କିତ ଅନ୍ୟାନ୍ୟ ବିଷୟପାଇଁ ଆମର ୱେବ୍‌ସାଇଟ୍: **apcwo.org/CLC** ପରିଦର୍ଶନ କରନ୍ତୁ ।

ଶିବିର ଆୟୋଜନ କରିବା ପାଇଁ ଆମ ସଙ୍ଗେ ଏହି email ଠିକଣା ଦ୍ୱାରା ଯୋଗାଯୋଗ କରନ୍ତୁ: contact@apcwo.org

# ମାଗଣା ଆପ୍ ଡାଉନ୍‌ଲୋଡ୍ କରନ୍ତୁ

ଆପ୍ ବା ଗୁଗୁଲ୍ ପ୍ଲେ ଷ୍ଟୋର୍‌ରୁ "All Peoples Church Bangalore" ଖୋଜି ଡ଼ାଉନ୍‌ଲୋଡ୍ କରନ୍ତୁ




### ଏଥିରେ ଥିବା ସୁବିଧାଗୁଡ଼ିକ:

- ଦୈନିକ ୫ ମିନିଟ୍‌ର ଭିଡ଼ିଓ ଧ୍ୟାନ
- ଦୈନିକ ବାଇବଲ ପଠନ ଓ ପ୍ରାର୍ଥନା ସୂଚନା
- ବିଭିନ୍ନ ପ୍ରସଙ୍ଗ ଉପରେ ଆଧାରିତ ବାଇବଲ ଶାସ୍ତ୍ରାଂଶଗୁଡ଼ିକର ଏକ ଟୁଲ୍‌କିଟ୍ ଯାହା
- ବିଶ୍ୱାସରେ ବୃଦ୍ଧି ପାଇବାରେ ଓ ସୁସମାଚାର ଅଂଶୀ କରାଇବାରେ ସହାୟକ ।
- ବିଭିନ୍ନ ଉପଦେଶ, ଉପଦେଶ ଟିପ୍ପଣୀସମୂହ, ଟିଭି କାର୍ଯ୍ୟକ୍ରମ, ପୁସ୍ତକ, ସଙ୍ଗୀତ, ଇତ୍ୟାଦି ଏଥିରେ ଉପଲବ୍ଧ ।

***ଯଦି ଏହାକୁ ପସନ୍ଦ କରୁଛନ୍ତି, ଅନ୍ୟମାନଙ୍କୁ ଏ ବିଷୟରେ କହନ୍ତୁ!***

# ପ୍ରଭାବିତ କରିବା ପାଇଁ ନିର୍ମାଣ କରନ୍ତୁ: ଆମ ଦର୍ଶନରେ ଅଂଶଗ୍ରହଣ କରନ୍ତୁ




## ନିର୍ମାଣ କରନ୍ତୁ

APC WORLD OUTREACH & EQUIPPING CENTRE, ବାଙ୍ଗାଲୁରୁ ଏକ ବିଶ୍ୱସ୍ତରୀୟ ସମ୍ପୂର୍ଣ୍ଣ ଆଧୁନିକ ସଜ୍ଜିତକରଣ କେନ୍ଦ୍ର ଓ ମିଶନ୍ ଭିତ୍ତିଭୂମିଭାବରେ ବିଭିନ୍ନ ରାଷ୍ଟ୍ରରେ ଖ୍ରୀଷ୍ଟଙ୍କ ଶରୀରର ସେବା କରିବା ପାଇଁ ଉଦ୍ଦିଷ୍ଟ ।

## ପ୍ରଭାବିତ କରନ୍ତୁ

ଆମେ ଆତ୍ମାରେ ଅଭିଷିକ୍ତ, ବାଇବଲଭିତ୍ତିକ ତାଲିମ୍ ପ୍ରଦାନ କରି ନୂତନ ପିଢ଼ିର ଖ୍ରୀଷ୍ଟୀୟ କାର୍ଯ୍ୟକାରୀମାନଙ୍କୁ ସୁସଜ୍ଜିତ କରି ସ୍ୱଦେଶ ଓ ବିଦେଶକୁ ପଠାଇବୁ ଓ ସେମାନଙ୍କର ପୃଷ୍ଠପୋଷକତା କରିବୁ । ଏଥିପାଇଁ ଏକ ବାଇବଲ କଲେଜ ପ୍ରତିଷ୍ଠିତ ହେବ ଓ ଏଥିରେ ରହିବାର ସୁବିଧା ରହିଥିବ । ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଶିକ୍ଷା ଗ୍ରହଣର ସୁବିଧା ରହିବ । ଏକ ମିଡ଼ିଆ ସେଣ୍ଟର୍ ବି ରହିବ ଯଦ୍ଦ୍ୱାରା ପୃଥିବୀର ବିଭିନ୍ନ ଭାଗର ଲୋକଙ୍କ ନିକଟରେ ପହଞ୍ଚି ହେବ । ଏଠାରେ ଏକ ଉପାସନା ଗୃହ ଏବଂ ପିଲାମାନଙ୍କର ଓ ଯୁବାମାନଙ୍କ ପାଇଁ ଏକ ସେଣ୍ଟର୍ ରହିବ । ୨୪x୭ ପ୍ରାର୍ଥନା ସେଣ୍ଟର୍ ମଧ୍ୟ ରହିବ ।

ଆପଣଙ୍କୁ ପ୍ରଭୁ ଯେଭଳି ଚାଳନା ଓ ଶକ୍ତି ଦିଅନ୍ତି ତଦନୁସାରେ ଆପଣଙ୍କୁ ଏକ ସ୍ୱେଚ୍ଛାଦାନ ପଠାଇବାକୁ ଆମନ୍ତ୍ରଣ କରାଯାଏ ଏବଂ ଆମ ସଙ୍ଗେ ଏହି ଦର୍ଶନର ଭାଗୀଦାର ହୋଇ ପ୍ରଭାବିତ କରିବା ପାଇଁ ନିର୍ମାଣ କରିବା କାର୍ଯ୍ୟକ୍ରମକୁ ସାହାଯ୍ୟ କରିବାକୁ ଅନୁରୋଧ । APC WORLD OUTREACH & EQUIPPING CENTRE, ବାଙ୍ଗାଲୁରୁର ନିର୍ମାଣ କାର୍ଯ୍ୟ ନିମନ୍ତେ ଦାନ ପଠାଇବା ପାଇଁ ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା ।

| **Wire Transfer** | **Cheques** |
|---|---|
| Account: **All Peoples Church Building Fund AC** | In favor of: **All Peoples Church Building Fund AC** |
| Account No: 520101021447450 | Cheques can be mailed to: |
| IFSC Code: CORP0000656 | All Peoples Church, |
| Bank Name: Corporation Bank | #319, 2nd Floor, 7th Main, 2nd Block |
| Branch Name: R.T Nagar Branch, Bangalore | HRBR Layout, Kalyan Nagar, Bangalore 560043, Karnataka, India |

ଭାରତରେ ଥିବା ବ୍ୟାଙ୍କଗୁଡ଼ିକ ମାଧ୍ୟମରେ ଆମେ ଦାନ ଗ୍ରହଣ କରିବାକୁ ପସନ୍ଦ କରିବୁ । ବିଦେଶରୁ ଆସିବାକୁ ଥିବା ଦାନ ଗ୍ରହଣ କରିବାର ସୁବିଧା ଆମ ନିକଟରେ ଉପଲବ୍ଧ ନୁହେଁ । ଯଦି ଆପଣଙ୍କର କୌଣସି ସନ୍ଦେହ ବା ପ୍ରଶ୍ନ ଥାଏ buildtoimpact@apcwo.orgକୁ email କରନ୍ତୁ । ଏହି ପ୍ରକଳ୍ପର ପ୍ରଗତି ଓ ଅନ୍ୟ ବିଷୟ ଜାଣିବା ପାଇଁ **apcwo.org/buildtoimpact** ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ ।

## All Peoples Church Bible College
## apcbiblecollege.org

ଅଲ୍ ପିପୁଲ୍ସ ଚର୍ଚ୍ଚ୍ ବାଇବଲ୍ କଲେଜ୍ ଏଣ୍ଡ୍ ମିନିଷ୍ଟ୍ରି ଟ୍ରେନିଙ୍ଗ୍ ସେଣ୍ଟର୍ (APC-BC) ବାଙ୍ଗାଲୁରୁ, ଆତ୍ମାରେ ପୂର୍ଣ୍ଣ ଓ ଅଭିଷିକ୍ତ ପ୍ରଭୁଙ୍କ ଦାସଦାସୀମାନଙ୍କୁ ବ୍ୟବହାର କରି ଅନ୍ୟମାନଙ୍କୁ ତାଲିମ୍ ଦେଇ ସୁସଜ୍ଜିତ କରେ ଯେପରି କି ସେମାନେ ପବିତ୍ର ଆତ୍ମାଙ୍କ ଅଲୌକିକ ଶକ୍ତିରେ କାର୍ଯ୍ୟ କରନ୍ତି ଏବଂ ଈଶ୍ୱରଙ୍କ ବାକ୍ୟକୁ ଅଭ୍ରାନ୍ତ ଓ ଜ୍ଞାନୋଦ୍ଦୀପକ ଭାବରେ ବ୍ୟାଖ୍ୟା କରିପାରନ୍ତି । ସେବାକାର୍ଯ୍ୟ ନିମନ୍ତେ ବ୍ୟକ୍ତିର ପୂର୍ଣ୍ଣ ବିକାଶରେ ଆମେ ବିଶ୍ୱାସ କରୁ । ସେମାନେ ଯେପରି ପ୍ରଭୁଙ୍କଠାରେ ସଂଲଗ୍ନ ଜୀବନ କାଟନ୍ତି ଏବଂ ତଦ୍ଦ୍ୱାରା ସେମାନଙ୍କଠାରେ ଐଶିକ ଚରିତ୍ର ବିକଶିତ ହୁଏ ଓ ଈଶ୍ୱରଙ୍କ ବାକ୍ୟରେ ସେମାନେ ବଦ୍ଧମୂଳ ହୁଅନ୍ତି ଏବଂ ସେମାନଙ୍କ ସେବା କାର୍ଯ୍ୟରେ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମର ଶକ୍ତିଯୁକ୍ତ ପ୍ରଦର୍ଶନ ଅନୁବର୍ତ୍ତୀ ହୁଏ ଏହା ଉପରେ ଗୁରୁତ୍ୱ ଦିଆଯାଏ ।

APC-BC ରେ ବଳିଷ୍ଠ ଶିକ୍ଷା ସାଙ୍ଗକୁ ଈଶ୍ୱରଙ୍କ ପ୍ରେମର ପ୍ରଦର୍ଶନ, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଉପସ୍ଥିତି ଏବଂ ଈଶ୍ୱରଙ୍କର ଆଶ୍ଚର୍ଯ୍ୟ କାର୍ଯ୍ୟ ଉପରେ ଜୋର୍ ଦିଆଯାଏ । ଏଯାଏଁ ଅନେକ ତାଲିମ୍‌ପ୍ରାପ୍ତ ଯୁବକ ଯୁବତୀଙ୍କୁ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବା ନିମନ୍ତେ ପ୍ରେରଣ କରାଯାଇଛି ।

ଏଠାରେ ତିନୋଟି ପାଠ୍ୟକ୍ରମ ପ୍ରଚଳିତ :
Certificate in Theology & Christian Ministry (C.Th.) –ଏକବର୍ଷ
Diploma in Theology & Christian Ministry (Dip.Th.)– ଦୁଇ ବର୍ଷ
Bachelor in Theology & Christian Ministry (B.Th.)– ତିନି ବର୍ଷ

**ସୋମବାରଠାରୁ ଶୁକ୍ରବାର ଯାଏଁ ପୂର୍ବାହ୍ନ ୯.୦୦ଘ. ରୁ ଅପରାହ୍ନ ୧.୦୦ ଘ.** ପର୍ଯ୍ୟନ୍ତ ଶ୍ରେଣୀରେ ଶିକ୍ଷାଦାନ କରାଯାଏ । ଦିବା ବିଦ୍ୟାର୍ଥୀ, ପେଶାଦାର ବ୍ୟକ୍ତି ଓ ବିବାହିତା ସ୍ତ୍ରୀମାନେ ମଧ୍ୟ ଏ ସମସ୍ତ ତାଲିମ୍‌ରେ ଯୋଗ ଦେଇପାରିବେ ଏବଂ ଅପରାହ୍ନ ୧.୦୦ ଘ. ପରେ ସେମାନଙ୍କ କାର୍ଯ୍ୟକୁ ଯାଇପାରିବେ । ଆବାସିକ ଛାତ୍ରଛାତ୍ରୀଙ୍କ ନିମନ୍ତେ ପୃଥକ୍ ହୋଷ୍ଟେଲ୍‌ମାନ ରହିଛି । ପଢ଼ା ଦିନମାନଙ୍କରେ ଆବାସିକ ଛାତ୍ରଛାତ୍ରୀମାନେ ଅପରାହ୍ନ ୨.୦୦ ଘ.ରୁ. ୫.୦୦ ଘ. ପର୍ଯ୍ୟନ୍ତ କ୍ଷେତ୍ର କାର୍ଯ୍ୟ, ସ୍ୱତନ୍ତ୍ର ସେମିନାର୍, ପ୍ରାର୍ଥନା ଓ ଉପାସନାରେ ଯୋଗ ଦେଇଥାନ୍ତି । ଅଣଆବାସିକ ଛାତ୍ରଛାତ୍ରୀମାନେ ଏଥିରେ ଯୋଗ ଦେବା ସେମାନଙ୍କ ଇଚ୍ଛାଧୀନ । ସପ୍ତାହର ଶେଷ ଦିନମାନଙ୍କରେ ବିଭିନ୍ନ ମାଣ୍ଡଳିକ ସେବାରେ ଯୋଗ ଦେଇ ସେଠାରେ ବିଭିନ୍ନ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଏ । ଅନ୍‌ଲାଇନ୍‌ରେ ଦରଖାସ୍ତ ପଠାଇବାକୁ ଓ ଏହି କଲେଜର କାର୍ଯ୍ୟକ୍ରମ, ଯୋଗ୍ୟତା, ଟ୍ୟୁସନ୍ ଖର୍ଚ୍ଚ ବିଷୟରେ ଜାଣିବା ଏବଂ ଦରଖାସ୍ତ ଫର୍ମକୁ ଡାଉନ୍‌ଲୋଡ୍ କରିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/biblecollegeକୁ ପରିଦର୍ଶନ କରନ୍ତୁ ।

APC-BC is accredited by the
Nations Association for
Theological Accreditation (NATA)

**All Peoples Church & World Outreach**
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore 560 043
Karnataka, INDIA

Phone: +91-80-25452617
Email: contact@apcwo.org
Website: apcwo.org